READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ଇଂରାଜୀ ନବବର୍ଷ ଅବସରରେ 'ଏକମାତ୍ର'ର ଅଗଣିତ ପାଠକ ପାଠିକା, ଲେଖକ ଲେଖିକା, ବିଜ୍ଞାପନଦାତା, ସାମ୍ବାଦିକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।


ବର୍ଷ-୪ | ସଂଖ୍ୟା-୫୦ | ୨୮ ଡିସେମ୍ବର - ୦୩ ଜାନୁଆରୀ, ୨୦୨୧ | ଭୁବନେଶ୍ୱର | Monday Weekly | VOL-4 | ISSUE-50 | 28th DECEMBER - 03rd JANUARY, 2021 | BHUBANESWAR | ₹ 5/- (8 Pages)


## ପରୀ ହତ୍ୟା ଘଟଣା
# ଫ୍ରକ୍‌ରୁ ସିମେନ୍ ଦାଗ କାହାର ଜଣାପଡୁନି



## ହୋଇପାରେ ସରୋଜର ବ୍ରେନ୍ ମ୍ୟାପିଂ

**ଭୁବନେଶ୍ୱର :** ଏସ୍ଆଇଟିକୁ ପରୀର ଗଳିତ ମୃତଦେହ ସାଙ୍ଗରେ ଯେଉଁ ଫ୍ରକ୍ ମିଳିଥିଲା ସେଥିରେ ସିମେନ୍ ଦାଗ ନେଇ ସୂଚନା ଦେଇଥିଲା। ଏବେ ସେ ସମ୍ପର୍କିତ ଫୋରେନସିକ୍ ରିପୋର୍ଟଟି ସର୍ବସମ୍ମୁଖକୁ ଆସସାରିଛି। ଏଥିରେ ଦର୍ଶାଯାଇଛି ଯେ ମିଳିଥିବା ସିମେନ୍ ଦାଗରୁ ଏହାର ଗ୍ରୁପ୍ ନିରୂପଣ କରିହେବନାହିଁ। ଏଣୁ ବର୍ତ୍ତମାନ ପରୀର ପୋଷାକରେ ଲାଗିଥିବା ଏହି ସିମେନ ଷ୍ଟେନ୍ କାହାର ବୋଲି ଜାଣିବା କାଠିକର ପାଠ ସାବ୍ୟସ୍ତ ହୋଇଯାଇଛି। ରିପୋର୍ଟ ମୁତାବକ ଭୁବନେଶ୍ୱର ଫୋରେନସିକ୍ ଲାବୋରେଟୋରୀରେ ପରୀକ୍ଷଣ ପରେ ଗତ ୧୪ ତାରିଖରେ ହିଁ ଏ ସମ୍ପର୍କିତ ରିପୋର୍ଟ ଆସିସାରିଥିଲା। ଏଥିରେ ସ୍ପଷ୍ଟଭାବେ ଉଲ୍ଲେଖ କରାଯାଇଛି ଯେ, ପୋଷାକରେ ଲାଗିଥିବା ସିମେନ୍ ଗ୍ରୁପ୍ ଚିହ୍ନଟ କରିବା ଅବସ୍ଥାରେ ନାହିଁ। ସେହିପରି ଜବତ ହୋଇଥିବା ଝୋଟ ଅଖାରେ ମଧ୍ୟ ସିମେନ୍ କିମ୍ବା ବ୍ଲଡ୍ ଷ୍ଟେନ୍ ଚିହ୍ନଟ ହୋଇପାରି ନାହିଁ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ଏହି ସିମେନ୍ ଅଭିଯୁକ୍ତ ସରୋଜର ନା ଆଉ କାହାର ଏନେଇ ଏବେ ପ୍ରଶ୍ନ ଛିଡ଼ା ହୋଇଛି। ଏସ୍ଆଇଟି ଏହି ରିପୋର୍ଟ ନୟାଗଡ ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ କରିଥିବା ନେଇ ସୂଚନା ମିଳିଛି।

➤ ପୃ-୬

## ବର୍ଷ ଶେଷର ମନ୍ କି ବାତ୍
# ଆତ୍ମନିର୍ଭର ଭାରତ କଥା କହିଲେ ମୋଦି



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ର ଶେଷ ରବିବାରରେ ନିଜ ମନର କଥା ଦେଶବାସୀଙ୍କୁ କହିଛନ୍ତି। ସେ କହିଛନ୍ତି, ଚାରିଦିନ ପରେ ବର୍ଷ ଅତିବାହିତ ହେବାକୁ ଯାଉଛି। ଏହି ବର୍ଷ ଆମ ପାଇଁ ଅନେକ ଆହ୍ୱାନ ଏବଂ ସଙ୍କଟ ଦେଖାଦେଇଥିଲା କିନ୍ତୁ ଆମେ ନୂତନ ସମ୍ଭାବନା ସୃଷ୍ଟି କରିପାରିଛୁ। ସେ କହିଛନ୍ତି ଯେ, ଏକ ଆତ୍ମନିର୍ଭରଶୀଳ ଭାରତ ପାଇଁ ବିଶ୍ୱସ୍ତରୀୟ ଉତ୍ପାଦ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ପ୍ରଧାନନ୍ତ୍ରୀ କହିଥିଲେ, ନୂଆବର୍ଷ ୨୦୨୧ରେ ନୂଆ ସଂକଳ୍ପ ଗ୍ରହଣ କରିବାର ସମୟ ଆସିଛି। ଆମ ଦେଶ ୨୦୨୧ ମସିହାରେ ସଫଳତାର ନୂତନ ଶିଖରକୁ ସ୍ପର୍ଶ କରିବ ଯାହା ଭାରତର ବିଶ୍ୱରେ ମାନ୍ୟତା ଏବଂ ସଶକ୍ତିକରଣ ହେବାର ଇଚ୍ଛାଠାରୁ ଅଧିକ ହେବ। ଲୋକମାନଙ୍କ ଠାରୁ ମିଳିଥିବା ଚିଠି ଗୁଡିକରେ ଏକ ବିଶେଷ ବାର୍ତ୍ତା ରହିଛି ଓ ତାହା ହେଉଛି ଲୋକମାନେ ଦେଶର ଶକ୍ତି ଓ

➤ ପୃ-୬

## ସବୁ ସ୍କୁଲ୍‌ରେ ବିଜୁଳି ବାଧ୍ୟତାମୂଳକ

**ଭୁବନେଶ୍ୱର :** ଜାନୁଆରୀରୁ ରାଜ୍ୟର ସମସ୍ତ ସ୍କୁଲ ଖୋଲିବା ସମ୍ଭାବନା ରହିଛି। ତେବେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହ ସ୍କୁଲସ୍ତରରେ ଯେପରି ପିଲାମାନେ ଶିକ୍ଷା ଉପଯୋଗୀ ପରିବେଶ ପାଇବେ ସେଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କରୋନା ଲାଗି ସ୍କୁଲ ବନ୍ଦ ରହିଥିବାରୁ ଅନ୍‌ଲାଇନ୍ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଇଥିଲା। ମାତ୍ର ରାଜ୍ୟର ଅନେକ ସ୍କୁଲ୍‌ରେ ବିଦ୍ୟୁତ ସଂଯୋଗ ନଥିବାରୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଘରେ ପିଲାଙ୍କୁ ଅନ୍‌ଲାଇନ୍‌ରେ ଶିକ୍ଷାଦାନ କରୁଥିଲେ। ଏହାବ୍ୟତୀତ ଆସନ୍ତାବର୍ଷ ପିଲାଙ୍କୁ କୋର୍ସ ସାରିବାକୁ ଅତିରିକ୍ତ ପାଠପଢ଼ା ହେବ। ଏହାବ୍ୟତୀତ ପରୀକ୍ଷା ମଧ୍ୟ ବିଳମ୍ବ ହେବ। ଏପ୍ରିଲ କିମ୍ବା ମେ'ରେ ମାଟ୍ରିକ, +୨ ପରୀକ୍ଷା ସହ ଅନ୍ୟାନ୍ୟ ପରିକ୍ଷା ହେବ ବୋଲି ଏକ ପ୍ରକାର ନିଷ୍ପତ୍ତି ରହିଛି। ତେଣୁ ଗ୍ରୀଷ୍ମ ପ୍ରବାହକୁ ନଜର ଦେଇ ସବୁ ସ୍କୁଲରେ ବିଦ୍ୟୁତ ସଂଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ଏପ୍ରିଲ ଶେଷସୁଦ୍ଧା ରାଜ୍ୟର ସବୁ ବିଦ୍ୟାଳୟଗୁଡିକରେ ବିଦ୍ୟୁତ ସଂଯୋଗ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ସ୍କୁଲ୍ ସଂଖ୍ୟା ୫୮ହଜାର ୮୯ଟି ଥିବା ବେଳେ ମାଧ୍ୟମିକ

➤ ପୃ-୬

# ଓଡ଼ିଶାରେ କମିଛି ଅପରାଧ : ଡିଜିପି



**କଟକ :** ଚଳିତ ୨୦୨୦ ବର୍ଷର ୬୨ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଭର୍ଚୁଆଲ ମାଧ୍ୟମରେ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ରାଜ୍ୟରେ କାର୍ଯ୍ୟରତ ପୋଲିସଙ୍କ ମୌଳିକ ପ୍ରସଙ୍ଗ, ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଉପରେ ଆଲୋକପାତ କରିବା ସହ ପୋଲିସ ସେବାର ମାନବୃଦ୍ଧି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସେ କହିଲେ ଯେ, ପୋଲିସ ନେତୃତ୍ୱର ନିରନ୍ତର ସମୀକ୍ଷା, ଅପରାଧରେ ପୀଡିତା ମହିଳା ଓ ଶିଶୁଙ୍କ ପ୍ରତି ସମ୍ବେଦନଶୀଳ ହେବା ସହ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଅଗ୍ରାଧିକାର ଦେବା ଉଚିତ୍ । ଅପରାଧ ତଦନ୍ତରେ ବୃତ୍ତିଗତ ଦକ୍ଷତା ବୃଦ୍ଧି, ପୋଲିସର ଉତରଦାୟିତ୍ୱ, ସାମାଜିକ ଗଣମାଧ୍ୟମକୁ ତତ୍କାଳ ପ୍ରତିକ୍ରିୟା ପ୍ରଦାନ କରିବା ସହ ସାଇବର ଅପରାଧର ତଦନ୍ତ ପାଇଁ ନୂତନ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ପୋଲିସ ସେବାର ମାନବୃଦ୍ଧି କରିବା ସହ ପୋଲିସର ଭଲ କାର୍ଯ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ସେ କହିଛନ୍ତି । ଏହି ସମ୍ମିଳନୀରେ ପୋଲିସ ସମସ୍ତ ପ୍ରତିଷ୍ଠାନ, ଜିଲ୍ଲା ଏସପି, ବାଟାଲିୟନ କମାଣ୍ଡାଣ୍ଟଙ୍କୁ ମିଶାଇ ୧୦୦ରୁ ଅଧିକ ବରିଷ୍ଠ ପୋଲିସ ଅଧିକାରୀ ଅଂଶ ଗ୍ରହଣ କରୁଛନ୍ତି । ଉଦଘାଟନୀ କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ଶ୍ରୀ ଅଭୟ ବାମପନ୍ଥୀ ସନ୍ତ୍ରାସବାଦ କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୁଇନ୍ଦା ନିର୍ଦ୍ଦେଶକ, ଆଇଜି ଅପରେସନ, ରେଞ୍ଜ ଡିଆଇଜିଙ୍କ ସମେତ ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡିର ଏସପିମାନେ ଅଂଶ ଗ୍ରହଣ କରି ୨୦୨୦ ବର୍ଷରେ ମାଓ ଦମନ କ୍ଷେତ୍ରରେ ଓଡିଶାକୁ ମିଳିଥିବା ସଫଳତା ଉପରେ ଆଲୋକପାତ କରିଥିଲେ । ଓଡିଶା ପୋଲିସ ଦ୍ୱାରା ୧୭ ଜଣ ମାଓବାଦୀଙ୍କୁ ନିଧନ କରାଯିବା ସହ ୩୪ ଜଣଙ୍କୁ ଗିରଫ କରାଯିବା ଓ ୨୧ ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି । ମୁଖ୍ୟତଃ ମାଲକାନଗିରି ଜିଲ୍ଲାରେ ହେନ୍ତାଳଗୁଡା, ଯୋଡାଆମ୍ବ ଓ ଗୁରସେତୁଠାରେ ୩ଟି କମ୍ପାନୀ ପ୍ରତିଷ୍ଠା ଓ ଥାନା କାର୍ଯ୍ୟକ୍ଷମ ହେବା ଫଳରେ ସ୍ୱାଭିମାନ ଅଂଚଳର ୮୦ ପ୍ରତିଶତ ଅଂଚଳରେ ପୋଲିସ ତାର ସୁମାନ

➤ ପୃ-୬

# 'ମା' ଆଗେଇଲେ ଦେଶ ଆଗେଇବ'



**ଭୁବନେଶ୍ୱର :** ବିଜୁ ଜନତା ଦଳର ୨୪ତମ ପ୍ରତିଷ୍ଠା ଦିବସ ଅବସରରେ ଦଳର ସଭାପତି ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ମହିଳା ସଶକ୍ତ ହେଲେ ସମାଜ ସଶକ୍ତ ହେବ। ମହିଳା ସଶକ୍ତିକରଣ ତାଙ୍କର ସବୁଠୁ ପ୍ରିୟ କାର୍ଯ୍ୟକ୍ରମ ବୋଲି ପୁରିଥରେ ଦୋହରାଇଛନ୍ତି ନବୀନ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ମାଆମାନେ ହେଉଛନ୍ତି ସମାଜ ରଥର ଅଖ। ସେମାନଙ୍କ ବିନା ଏହି ରଥ ଆଗକୁ ବଢ଼ିପାରିବ ନାହିଁ। ୧୯୯୨ରେ ବିଜୁ ବାବୁ ମହିଳାମାନଙ୍କ ପାଇଁ ପଞ୍ଚାୟତ ଓ ଚାକିରି କ୍ଷେତ୍ରରେ ୩୩% ସଂରକ୍ଷଣ କରି ଭାରତ ବର୍ଷରେ ଆଲୋଡନ ସୃଷ୍ଟି କରିଥିଲେ। ପଞ୍ଚାୟତସ୍ତରରେ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ବିଜେଡି ୫୦%

➤ ପୃ-୬






# ଆଉ ୩ ମାସ ବଢ଼ିଲା ଗାଡି କାଗଜର ବୈଧତା

**ନୂଆଦିଲ୍ଲୀ :** କେନ୍ଦ୍ର ସଡକ ପରିବହନ ମନ୍ତ୍ରାଳୟ ଡିଏଲ, ଆରସି, ପରମିଟ ଆଦି ଯାନବାହନ ସଂକ୍ରାନ୍ତ କାଗଜପତ୍ରର ବୈଧତା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମନ୍ତ୍ରାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ପ୍ରଶାସନ ଗୁଡିକୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ସଡକ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ ଏହାପୂର୍ବରୁ ମୋଟର ଯାନ ଆଇନ ତଥା କେନ୍ଦ୍ରୀୟ ମୋଟର ଯାନ ନିୟମ ସମ୍ବନ୍ଧୀୟ କାଗଜପତ୍ରରେ ବୈଧତାକୁ ସମ୍ପ୍ରସାରଣ କରିବା ସଂକ୍ରାନ୍ତରେ ଏହା ପୂର୍ବରୁ ୩୦ ମାର୍ଚ୍ଚ, ୨୦୨୦ ପରେ ୯ ଜୁନ୍ ଏବଂ ୨୪ ଅଗଷ୍ଟ ୨୦୨୦ରେ ମାର୍ଗଦର୍ଶିକା ଜାରି କରିଥିଲା।

➤ ପୃ-୬






## ବକ୍ରବାଣୀ



ଯୁଦ୍ଧ ଜାହାଜକୁ ଦେଖିବେ ବୋଲି
ଯାଇଥେଲେ ସବୁ ପିକ୍ନିକ୍ ବୁଲି
ଗରୀବ ଧନରେ ବୁଲି ଆଇଲେ
ମାଛ ମାଉଁଷରୁ ପୁଳେ ଖାଇଲେ
ନେତାଙ୍କ ମଉଜ ଏମିତି ହଉ
ରାଇଜ ତେଣିକି ଚୁଲିକି ଯାଉ
ବୁଉମ୍ ଆଗରେ ଗପିଲେ କେତେ
ଛାମୁଁଙ୍କ ପ୍ରଶଂସା ପାରିଲେ ଯେତେ
ତାମିଲ୍ ମନ୍ତର କରିଲା କାବୁ
ସମୁଦ୍ର କୂଳରେ ଏକାଠି ସବୁ।

—— ଟୁଟୁ


କଳାହାଣ୍ଡି ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷ -୨୦୨୧ର ଶୁଭ ଅଭିନନ୍ଦନ । ନୂଆବର୍ଷ ଆପଣ ମାନଙ୍କର ସୁଖ, ସମୃଦ୍ଧିର ବର୍ଷ ହେଉ ଏବଂ ଆପଣଙ୍କ ପାଇଁ ସଫଳତା ଆଣିଦେଉ । ମାଁ ମାଣିକେଶ୍ୱରୀ ଓ ଲଙ୍କେଶ୍ୱରୀଙ୍କ ଅପାର କୃପାରୁ ଆମ ଜିଲ୍ଲା ତଥା ସମଗ୍ର ଓଡିଶା କରୋନା ମୁକ୍ତ ହେଉ ଏହା ହିଁ ଆମର ପ୍ରାର୍ଥନା।

**Hotel The Royal**
**MIDTOWN**
In front of Town Hall, Statue Square.
Bhawanipatna, Kalahandi, Odisha, India
*South Indian Restaurant (Veg Restaurant)*
Veg & Non-Veg A/C Family Restaurant

**ANSUMAN DAS**
Cell : 9437079550
+ 91 94376-69686
+91 99371-19194
E-mail : hoteltheroyalmidtown@gmail.com
www.booking.com
www.yatra.com






## କେମିତି କଟିବ ଏ ସପ୍ତାହ

**ମେଷ** ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ପିଲାମାନେ ପାଠରେ ମନୋନିବେଶ କରିବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭବାନ୍ ହେବେ।

**ବୃଷ** ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ। ବିଦେଶ ଭ୍ରମଣର ସୁଯୋଗ ଆସିପାରେ।

**ମିଥୁନ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କର୍କଟ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ସିଂହ** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**କନ୍ୟା** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ।

**ତୁଳା** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ବିଛା** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ଧନୁ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**ମକର** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**କୁମ୍ଭ** ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସୁବିଧା ଲାଗି ରହିବ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ମୀନ** ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ଚନ୍ଦ୍ରଯାନ-୨ ଅର୍ବିଟର୍‌ର ତଥ୍ୟ ଜାରିକଲା ଇସ୍ରୋ

**ନୂଆଦିଲ୍ଲୀ :** ୨୦୧୯ରେ ଚନ୍ଦ୍ରକୁ ପ୍ରକ୍ଷେପିତ ହୋଇଥିବା ମହାକାଶ ଯାନ ଚନ୍ଦ୍ରଯାନ-୨ର ଅର୍ବିଟର ସମ୍ପର୍କରେ ସବିଶେଷ ତଥ୍ୟକୁ ଇସ୍ରୋ କର୍ତ୍ତୃପକ୍ଷ ସାର୍ବଜନୀନ କରିଛନ୍ତି। ଏହି ଯାନର ଅର୍ବିଟର୍‌ର ସବୁ ଯନ୍ତ୍ରାଂଶ ଓ ସିଷ୍ଟମ ଭଲଭାବେ କାର୍ଯ୍ୟ କରୁଛି ଏବଂ ଆଗାମୀ ସାତବର୍ଷ ପର୍ଯ୍ୟନ୍ତ ଏହା ମହାକାଶରେ କାର୍ଯ୍ୟକ୍ଷମ ହୋଇ ରହିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଇସ୍ରୋ ପକ୍ଷରୁ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ନିମନ୍ତେ ୨୨ ଜୁଲାଇ ୨୦୧୯ରେ ଚନ୍ଦ୍ରଯାନ-୨କୁ ଉତ୍‌କ୍ଷେପଣ କରାଯାଇଥିଲା। ଅଗଷ୍ଟ ୨୦ରେ ଇସ୍ରୋ ବୈଜ୍ଞାନିକମାନେ ଏହାକୁ ଚନ୍ଦ୍ରର କକ୍ଷପଥରେ ଅବସ୍ଥାପିତ କରିବାରେ ସକ୍ଷମ ହୋଇଥିଲେ। ଲୁନାର ଅର୍ବିଟର, ବିକ୍ରମ ଲ୍ୟାଣ୍ଡର ଓ ପ୍ରଜ୍ଞାନ ଲୁନାର ରୋଭରକୁ ନେଇ ଏହି ଚନ୍ଦ୍ରଯାନ ମହାକାଶକୁ ଯାତ୍ରା କରିଥିଲା। ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଅର୍ବିଟର ଚନ୍ଦ୍ରକୁ ପ୍ରଦକ୍ଷିଣ କରିବା ସହ ବିକ୍ରମ ଲ୍ୟାଣ୍ଡର ଓ ପ୍ରଜ୍ଞାନ ରୋଭର ସେପ୍ଟେମ୍ବର ୬ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥାନ୍ତା। ଯଦି ସଫଳ ଅବତରଣ ଘଟିଥାନ୍ତା, ତେବେ ରୋଭର ଜରିଆରେ ଚନ୍ଦ୍ରପୃଷ୍ଠରେ ଜଳର ସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ମିଳିପାରିଥାନ୍ତା। ତେବେ ହାର୍ଡ ଲ୍ୟାଣ୍ଡିଂ ଯୋଗୁଁ ବ୍ରିକମଲ୍ୟାଣ୍ଡର ଓ ପ୍ରଜ୍ଞାନ ରୋଭର ସହ ଇସ୍ରୋର ସମସ୍ତ ସମ୍ପର୍କ ଛିନ୍ନ ହୋଇଥିଲା ଏବଂ ଭାରତର ଏହି ଦ୍ୱିତୀୟ ଚନ୍ଦ୍ର ଅଭିଯାନ ଅସମାପ୍ତ ରହିଯାଇଥିଲା। ଚନ୍ଦ୍ରଯାନ-୨ ପ୍ରକଳ୍ପ ପାଇଁ ୧୨୪ ନିୟୁତ ଆମେରିକୀୟ ଡଲାର ଖର୍ଚ୍ଚ ହୋଇଥିଲା।

# ‘ଟାଗୋରଙ୍କ ବାର୍ତ୍ତା ଆତ୍ମନିର୍ଭର ଭାରତର ମୁଖ୍ୟ ଉତ୍ସ’

**କଲକାତା :** ବିଶ୍ୱଭାରତୀୟ ବିଶ୍ୱବିଦ୍ୟାଳୟର ୧୦୦ ବର୍ଷର ଯାତ୍ରା ଅତ୍ୟନ୍ତ ସ୍ୱତନ୍ତ୍ର। ଏହାର ପ୍ରତିଷ୍ଠାତା ରବୀନ୍ଦ୍ର ନାଥ ଟାଗୋର ଭାରତ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହାକୁ ସାକାର କରିବା ପାଇଁ ଏହି ଅନୁଷ୍ଠାନ ସାରା ଦେଶକୁ ଶକ୍ତି ଯୋଗାଉଛି। ଗୁରୁଦେବ ବିଶ୍ୱଭାରତୀକୁ ଏପରି ଭାବେ ଗଢ଼ିଥିଲେ ଯେ ତାହା ରାଷ୍ଟ୍ରବାଦର ଛବିକୁ ସାମ୍ନାରେ ରଖିଛି। ଗୁରୁଦେବଙ୍କ ବାର୍ତ୍ତା ହିଁ ଆତ୍ମନିର୍ଭର ଭାରତର ଆଧାରଶୀଳା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଶତାବ୍ଦୀ ସମାରୋହକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦବୋଧନ ଦେଇ ଏହା କହିଛନ୍ତି। ମୋଦୀ ତାଙ୍କ ଅଭିଭାଷଣରେ କହିଥିଲେ, ମୁଁ ଶତାବ୍ଦୀ ସମାରୋହରେ ଯୋଗ ଦେଇଥିବାରୁ ଏହା ମୋ ପାଇଁ ଗର୍ବର ବିଷୟ। ଅନେକ ପରିସ୍ଥିତି ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଆଧାର ହୋଇଥିଲା। ସେଥିରେ କେବଳ ବ୍ରିଟିଶମାନଙ୍କର ଦାସତ୍ୱ ନୁହେଁ, ଅନେକ ବର୍ଷ ଧରି ଚାଲିଆସୁଥିବା ଆନ୍ଦୋଳନର ପୃଷ୍ଠଭୂମି ମଧ୍ୟ ରହିଥିଲା। ଦେଶରେ ବହୁ ପୂର୍ବରୁ ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପକାଯାଇଥିଲା। ଦେଶର ଆଧାତ୍ମିକ, ସାଂସ୍କୃତିକ ଆନ୍ଦୋଳନକୁ ଭକ୍ତି ଯୁଗ ମଜଭୁତ କରିଥିଲା। ସାଧୁସନ୍ଥ, ଆଚାର୍ଯ୍ୟମାନେ ଦେଶ ପାଇଁ ଚିନ୍ତା କରିଥିଲେ। ଦକ୍ଷିଣରେ ରାମାନୁଜାଚାର୍ଯ୍ୟଙ୍କ ସମେତ ଅନେକ ସନ୍ଥ ଥିଲେ, ପଶ୍ଚିମରେ ମୀରାବାଇଙ୍କ ସମେତ ଅନ୍ୟ ସନ୍ଥମାନେ ରହିଥିଲେ, ଉତ୍ତରରେ କବୀର ଦାସ, ସୁରଦାସଙ୍କ ସମେତ ଅନ୍ୟ ଲୋକମାନେ ଥିଲାବେଳେ ପୂର୍ବରେ ଚୈତନ୍ୟ ମହାପ୍ରଭୁ ଥିଲେ। ମୋଦୀ କହିଥିଲେ, ରାମକୃଷ୍ଣ



ପରମହଂସଙ୍କ ଯୋଗୁ ଦେଶକୁ ସ୍ୱାମୀ ବିବେକାନନ୍ଦ ମିଳିଥିଲେ। ସ୍ୱାମୀଜୀ ଭକ୍ତିଜ୍ଞାନ ଏବଂ କର୍ମକୁ ନିଜ ଭିତରେ ଧାରଣ କରିଥିଲେ। ଭକ୍ତି ଆନ୍ଦୋଳନ ପରେ କର୍ମ ଆନ୍ଦୋଳନ ଆଗକୁ ବଢ଼ିଥିଲା, ଯେଉଁଥିରେ ଅନେକ ଯୋଦ୍ଧା ବିଦେଶ ଆକ୍ରମଣକାରୀଙ୍କୁ ରୋକିଥିଲେ, ଯାହା ପରେ ସ୍ୱାଧୀନତା ଆନ୍ଦୋଳନରେ ପରିଣତ ହୋଇଥିଲା। ପରିଶେଷରେ ଜ୍ଞାନ ସଙ୍ଗମ ହେବା ଫଳରେ ସ୍ୱାଧୀନତା ଆନ୍ଦୋଳନ ତୀବ୍ର ହୋଇଥିଲା। ପରେ ବୈଚାରିକ ଆନ୍ଦୋଳନ ବି ସୃଷ୍ଟି ହେଲା ଏବଂ ଦେଶର ଭବିଷ୍ୟତ ବିଷୟରେ ଚିନ୍ତା କରାଗଲା। ଏସବୁ ଆନ୍ଦୋଳନରେ ପ୍ରଭାବିତ ହୋଇ ହଜାର ହଜାର ଲୋକ ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନର ବଳିଦାନ ଦେଇଥିଲେ।

## ୯ ମାସ ହେଲା ୱାଘା ସୀମାନ୍ତରେ ପରେଡ୍ ବନ୍ଦ

**ନୂଆଦିଲ୍ଲୀ/ଇସଲାମାବାଦ :** କୋଭିଡ୍ ପରିସ୍ଥିତି ଯୋଗୁଁ ଆଜକୁ ନଅ ମାସ ହେଲା ପଞ୍ଜାବର ଅମୃତସର ନିକଟସ୍ଥ ୱାଘା ସୀମାରେ ଭାରତ ଓ ପାକିସ୍ତାନୀ ଯବାନଙ୍କ ଦ୍ୱାରା କରାଯାଉଥିବା ସନ୍ଧ୍ୟାକାଳୀନ ପରେଡ୍ ସମାରୋହକୁ ବନ୍ଦ ରଖାଯାଇଛି। ଅତୀତରେ ଦୁଇଦେଶ ମଧ୍ୟରେ ସମ୍ପର୍କ ଯେତେ ତିକ୍ତ ହୋଇଥିଲେ ସୁଦ୍ଧା ଏତେ ଲମ୍ବା ସମୟ ପର୍ଯ୍ୟନ୍ତ ଏହି ପରେଡ୍‌କୁ ବନ୍ଦ କରାଯାଇନଥିଲା। ଏଭଳି ପରେଡ୍



ଦେଖିବାକୁ ଉଭୟ ଦେଶର ଶତାଧିକ ନାଗରିକ ପ୍ରତିଦିନ ସନ୍ଧ୍ୟାରେ ୱାଘା ସୀମାନ୍ତରେ ଉପସ୍ଥିତ ହୋଇଥାନ୍ତି। ଏମାନଙ୍କ ବସିବା ପାଇଁ ଉଭୟପଟରେ ଗ୍ୟାଲେରୀ ନିର୍ମିତ ହୋଇଛି। ଭାରତ ପକ୍ଷରୁ ସୀମା ସୁରକ୍ଷା ବାହିନୀ (ବିଏସଏଫ୍) ଓ ପାକିସ୍ତାନ ପକ୍ଷରୁ ପାକିସ୍ତାନୀ ରେଞ୍ଜର୍ସ ଯବାନମାନେ ଏହି ଆକର୍ଷଣୀୟ ପରେଡ୍‌ରେ ଅଂଶଗ୍ରହଣ କରିଥାନ୍ତି। ସଂପୃକ୍ତ ଯବାନମାନେ ନିଜ ଦେଶର ଜାତୀୟ ପତାକାକୁ ଅବତରଣ କରାଇବାପରେ ପରେଡ୍ ଶେଷ ହୋଇଥାଏ। ସୂଚନାଯୋଗ୍ୟ ୧୯୫୯ରୁ ୱାଘା ସୀମାନ୍ତରେ ଏହି ଯୁଗ୍ମ ପରେଡ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି।

## ମହିଳା କମିଶନରେ ୫ହଜାର ଘରୋଇ ହିଂସା ମାମଲା

**ନୂଆଦିଲ୍ଲୀ :** ଚଳିତବର୍ଷ ଜାତୀୟ ମହିଳା ଆୟୋଗ(ଏନ୍‌ସିଡବ୍ଲୁ)ରେ ମହିଳାମାନଙ୍କ ବିରୋଧରେ ୫ହଜାରରୁ ଊର୍ଦ୍ଧ୍ୱ ଘରୋଇ ହିଂସା ମାମଲା ରୁଜୁ ହୋଇଛି। ଏହା ବର୍ତ୍ତମାନ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। କୋଭିଡ୍ ଲକ୍‌ଡାଉନ୍‌ରେ ପ୍ରଥମେ କମ୍ ମାମଲା ପଞ୍ଜିକରଣ ହୋଇଥିବା ବେଳେ ଲକ୍‌ଡାଉନ୍ ବଢିବା ସହ ମାମଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା। ଜୁଲାଇରେ ସର୍ବାଧିକ ୬୬୦ଟି ମାମଲା ପଞ୍ଜିକୃତ ହୋଇଥିଲା। ଲକ୍‌ଡାଉନ୍‌ରେ ଆର୍ଥିକ ଅଭାବ, ଆର୍ଥିକ ଅସ୍ଥିରତା ଏବଂ ଅନ୍ୟମାନଙ୍କ ମଧ୍ୟରେ ନିଜକୁ ନ୍ୟୁନ ମନେ କରିବା ଭଳି କାରକ ଯୋଗୁଁ ଘରୋଇ ହିଂସା ବୃଦ୍ଧି ପାଇଥିବା ଏନ୍‌ସିଡବ୍ଲ୍ୟୁ ଚେୟାରପର୍ସନ ରେଖା ଶର୍ମା କହିଛନ୍ତି। ଏହାଛଡ଼ା ଲକ୍‌ଡାଉନ୍ ଯୋଗୁଁ ମହିଳାମାନେ ନିଜ ସୁରକ୍ଷିତ ସ୍ଥାନକୁ ଯାଇ ନପାରି ହିଂସା ଏବଂ ଦୁର୍ବ୍ୟବହାରର ସାମ୍ନା କରିବାକୁ ବାଧ୍ୟ ହୋଇଥିଲେ। କୋଭିଡ୍ ପାଇଁ କୌଣସି ମହିଳା ସୁରକ୍ଷା ଅଧିକାରୀ କିମ୍ବା ସରକାରୀ ସଂଗଠନ ମଧ୍ୟ ପୀଡ଼ିତାଙ୍କ ନିକଟକୁ ଯାଇପାରିନଥିଲେ। ପୁଲିସମାନେ ମଧ୍ୟ କୋଭିଡ୍ ଡ୍ୟୁଟିରେ ରହିଥିବାରୁ ମହିଳାଙ୍କ ସୁରକ୍ଷା ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେଇପାରି ନଥିଲେ। ତେବେ ଲକ୍‌ଡାଉନ୍‌ରେ ମହିଳାଙ୍କ ସୁରକ୍ଷା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଥିବା ରେଖା ଶର୍ମା କହିଛନ୍ତି। ଅନ୍ୟପଟେ ବିହାର, ପଶ୍ଚିମବଙ୍ଗ ଏବଂ ତ୍ରିପୁରାରେ ୪୦ପ୍ରତିଶତ ନାବାଳିକାଙ୍କ ବିବାହ ହୋଇଥିବା ଏନ୍‌ସିପିସିଆର୍ ପକ୍ଷରୁ କୁହାଯାଇଛି।

## ୨୦୨୧ ପ୍ରାରମ୍ଭରେ ବିଗିଡିପାରେ ପାକିସ୍ତାନର ଆର୍ଥିକ ସ୍ଥିତି

**ଇସଲାମାବାଦ :** ଚୀନରୁ ମିଳୁଥିବା ଆର୍ଥିକ ଅନୁଦାନକୁ ଋଣ ଶୁଝିବାରେ ନିୟୋଜିତ କରୁଛି ପାକିସ୍ତାନ। ୨୦୧୮ରେ ପାକିସ୍ତାନ ସାଉଦି ଆରବରୁ ୩୦୦ କୋଟି ଡଲାର ଋଣ ଆକାରରେ ଆଣିଥିଲା। ତେବେ ପାକିସ୍ତାନ ସହ ଦ୍ୱିପାକ୍ଷିକ ସମ୍ପର୍କ ଖରାପ ହେବାପରେ ଏହି ଋଣ ପରିଶୋଧ କରିବାକୁ ସାଉଦି ଆରବ ବର୍ତ୍ତମାନ ପାକିସ୍ତାନ ଉପରେ ଚାପ ପକାଉଥିବା ଜଣାପଡିଛି। ପାକିସ୍ତାନ ଇତିମଧ୍ୟରେ ଚୀନରୁ ପାଇଥିବା ପ୍ରାୟ ୨ କୋଟି ଡଲାର ଅନୁଦାନକୁ ସାଉଦି ଆରବକୁ ଫେରାଇ ସାରିଲାଣି। ଅବଶିଷ୍ଟ ଅର୍ଥ ଖୁବଶୀଘ୍ର ପୈଠ କରିବ ବୋଲି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ କୁଆଡେ ସାଉଦି ଆରବକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଯେତେଦୂର ସମ୍ଭବ ୨୦୨୧ ପ୍ରଥମାର୍ଦ୍ଧ ସୁଦ୍ଧା ପାକିସ୍ତାନ ଏହି ଋଣବୋଝରୁ ମୁକ୍ତି ପାଇବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ସାଉଦି ଆରବ କାହିଁକି, ପାକିସ୍ତାନ ମଧ୍ୟ ଅନ୍ୟ ରାଷ୍ଟ୍ରଙ୍କଠାରୁ ଋଣ ନେଇସାରିଛି। ସେମାନେ ମଧ୍ୟ ଋଣ ଅର୍ଥ ଫେରିପାଇବାକୁ ପାକିସ୍ତାନକୁ ତାଗିଦା କରୁଛନ୍ତି। ତେଣୁ ୨୦୨୧ ପ୍ରାରମ୍ଭରେ ପାକିସ୍ତାନର ଆର୍ଥିକ ସ୍ଥିତି କିଛିମାତ୍ରାରେ ବିଗିଡି ଯାଇପାରେ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ବନ୍ଧୁରାଷ୍ଟ୍ର ଭାବେ ଚୀନ ଇତିମଧ୍ୟରେ ପାକିସ୍ତାନକୁ ୧୦୦୦ କୋଟି ୟୁଆନ୍ (ଚୀନ ମୁଦ୍ରା) ଅଥବା ୧୦୫ କୋଟି ଡଲାର ଆର୍ଥିକ ସହାୟତା ପ୍ରଦାନ କରିଛି। ତେବେ ୨୦୧୧ରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତି ଅନୁଯାୟୀ ଏହି ଅର୍ଥକୁ ମୁଦ୍ରା ବିନିମୟ (କରେନ୍ସି ସ୍ୱାପ୍) ବ୍ୟବସ୍ଥା



ଅନୁଯାୟୀ ପ୍ରଦାନ କରାଯାଇଛି। ଫଳରେ ଏହା ପାକିସ୍ତାନ ପାଇଁ ବୈଦେଶିକ ଋଣ ଆକାରରେ ପରିଗଣିତ ହେବ ନାହିଁ। ବିଦେଶୀ ଋଣ ପରିଶୋଧ କରିବାକୁ ପାକିସ୍ତାନ ୨୦୧୧ରୁ ଚୀନ ସହ ଏଭଳି ବୁଝାମଣା କରିଆସୁଛି। ୨୦୧୯ରେ ମୋଦୀ ସରକାର ଜମ୍ମୁ-କଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର କରିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ପାକିସ୍ତାନ ଏହାକୁ ବିରୋଧ କରିବା ସହ ଆରବ ରାଷ୍ଟ୍ରସମୂହର ସମର୍ଥନ ଲୋଡିଥିଲା। ତେବେ ସାଉଦି ଆରବ ପାକିସ୍ତାନର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବା ଫଳରେ ଦୁଇଦେଶର ସମ୍ପର୍କ କ୍ଷୁଣ୍ଣ ହୋଇଥିଲା। ଏପରିକି ଗତ ନଭେମ୍ବରରେ ନାଇଜେରିଆରେ ଅନୁଷ୍ଠିତ ଓଆଇସି (ଅର୍ଗାନାଇଜେସନ ଅଫ୍ ଇସଲାମିକ କୋ-ଅପରେସନ) ବୈଠକରେ ପାକିସ୍ତାନକୁ ନିରାଶ ହେବାକୁ ପଡିଥିଲା। ଏହି ପରିପ୍ରେକ୍ଷୀରେ ତୁର୍କୀ ଓ ମାଲେସିଆ ଭଳି ଇସଲାମିକ ରାଷ୍ଟ୍ରକୁ ସାଙ୍ଗ କରି ଭାରତ ବିରୋଧୀ ମେଣ୍ଟ ଗଠନ କରିବାକୁ ପାକିସ୍ତାନ ଯେଉଁ ଉଦ୍ୟମ ଆରମ୍ଭ କରିଥିଲା, ତାହାକୁ ସାଉଦି ଆରବ ନାପସନ୍ଦ କରିବା ଫଳରେ ଦୁଇଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଚାଲିଛି।

## ମହିଳା ସେନା ଅଧିକାରୀଙ୍କୁ ସୁପ୍ରିମକୋର୍ଟଙ୍କ ରିହାତି

**ନୂଆଦିଲ୍ଲୀ :** ପାହ୍ୟା ପ୍ରଦାନ ପ୍ରସଙ୍ଗରେ ସ୍ଥଳସେନାରେ କାର୍ଯ୍ୟରତ ସର୍ଟ ସର୍ଭିସ କମିଶନ (ଏସ୍‌ଏସ୍‌ସି) ମହିଳା ଅଧିକାରୀଙ୍କୁ ସୁପ୍ରିମକୋର୍ଟରେ ରିହାତି ମିଳିଛି। ଜାନୁଆରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏଭଳି କୌଣସି ମହିଳା ଅଧିକାରୀଙ୍କୁ କାର୍ଯ୍ୟରୁ ସେବାନିବୃତ ନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯୋଗ୍ୟତା ଓ ମେଡିକାଲ କାରଣକୁ ଭିତ୍ତିକରି ସ୍ଥଳସେନାରେ ସ୍ଥାୟୀ କମିଶନ ପାହ୍ୟା ପାଇବାକୁ ୬୧୫ ଜଣ ଏସ୍‌ଏସ୍‌ସି ମହିଳା ଅଧିକାରୀ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ଗତ ସେପ୍ଟେମ୍ବରରେ ସ୍ଥଳସେନାର ପାଞ୍ଚଜଣିଆ ମନୋନୟନ କମିଟି ଯୋଗ୍ୟତା ଭିତ୍ତିରେ ୪୨୨ ଅଧିକାରୀ ମନୋନୀତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ମେଡିକାଲ ଗ୍ରାଉଣ୍ଡରେ ୨୭୭ ଜଣ ଯୋଗ୍ୟ ବିବେଚିତ ହେବାପରେ ଅବଶିଷ୍ଟ ମହିଳା ଅଧିକାରୀ ଚାକିରି ଚାଲିଯିବା ଆଶଙ୍କାରେ ଜର୍ଜରିତ ହୋଇପଡିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ୬୦ ଜଣ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଭୟରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯୋଗ୍ୟତା ମାନଦଣ୍ଡକୁ ସଠିକ୍‌ଭାବେ ବାଖ୍ୟା କରାଯାଇନଥିବାରୁ ସଂପୃକ୍ତ ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନରୁ ବଞ୍ଚିତ କରିବା ବେଆଇନ ବୋଲି ସେମାନଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ଚଳିତମାସ ୧୮ରେ ଜଷ୍ଟିସ ଡ.ୱାଇ.ଚନ୍ଦ୍ରଚୂଡ, ଜଷ୍ଟିସ ଇନ୍ଦୁ ମାଲହୋତ୍ରା ଓ ଜଷ୍ଟିସ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଏହି ପ୍ରସଙ୍ଗରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ କୈଫିୟତ ତଲବ କରିଥିଲେ। ଜାନୁଆରୀରେ ମାମଲାର ପରବର୍ତ୍ତୀ ଶୁଣାଣି ଅନୁଷ୍ଠିତ ହେବାପୂର୍ବରୁ ଏହି ମହିଳା ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ସଞ୍ଜୟ ଜୈନ ଖଣ୍ଡପୀଠକୁ ଜଣାଇଛନ୍ତି।

## ‘ଗୋଟିଏ ଦେଶ, ଗୋଟିଏ ନିର୍ବାଚନ’ ପାଇଁ ଇସି ପ୍ରସ୍ତୁତ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ନଭେମ୍ବରରେ ‘ଗୋଟିଏ ଦେଶ, ଗୋଟିଏ ନିର୍ବାଚନ’ ବ୍ୟବସ୍ଥା ସପକ୍ଷରେ ମତବ୍ୟକ୍ତ କରିଥିଲେ। ଦେଶରେ ପ୍ରତ୍ୟେକ ମାସ କେଉଁଠି ନା କେଉଁଠି ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ରାଜକୋଷ ଉପରେ ଅଯଥା ବୋଝ ପଡୁଥିବା ପରିପ୍ରେକ୍ଷୀରେ ମୋଦୀ ଏହି ପ୍ରସ୍ତାବ ଦେଇଥିଲେ। ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେବାର ଏକ ମାସ ମଧ୍ୟରେ ଏଭଳି ନୂଆ ପଦ୍ଧତିକୁ କାର୍ଯ୍ୟକାରୀ କରାଇବାକୁ ନିର୍ବାଚନ କମିଶନ (ଇସି) ସମ୍ପ୍ରତି ପ୍ରକାଶ କରିଛନ୍ତି। ଏକ ସମୟରେ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନିଲ ଆରୋରା ସୋମବାର ଏଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିପାଇଁ



ପ୍ରସ୍ତାବିତ ଆଇନକୁ ସଂଶୋଧନ କରାଯିବାପରେ ଏକକାଳୀନ ନିର୍ବାଚନ ଆୟୋଜନ କରିବାରେ କୌଣସି ଅସୁବିଧା ରହିବ ନାହିଁ ବୋଲି ଆରୋରା ପ୍ରତିଶ୍ରୁତି ଦେଇଛନ୍ତି। ଦେଶରେ ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା କରିବା ଇସିଙ୍କ ପକ୍ଷେ ନିଶ୍ଚିତଭାବେ ଏକ କଷ୍ଟସାଧ ପ୍ରସଙ୍ଗ। ଏହାସତ୍ତ୍ୱେ ଇସି ଏଭଳି ନୂଆ ପଦ୍ଧତି ପାଇଁ ପ୍ରସ୍ତୁତ ରହିଥିବା ସ୍ୱାଗତଯୋଗ୍ୟ ବୋଲି ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି। ମୋଦୀଙ୍କ ପୂର୍ବରୁ ଅନ୍ୟ ପ୍ରଧାନମନ୍ତ୍ରୀମାନେ ମଧ୍ୟ ‘ଗୋଟିଏ ଦେଶ, ଗୋଟିଏ ନିର୍ବାଚନ’ ପ୍ରସଙ୍ଗ ଉଠାଇଥିଲେ। ଏପରିକି ୨୦୧୫ରେ ସୁଦର୍ଶନ ନାଚିଆପାନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଏଭଳି ପ୍ରସ୍ତାବ ଦେଇଥିବାବେଳେ ୨୦୧୮ରେ ଲ’ କମିଶନ ମଧ୍ୟ ସମାନ ମନ୍ତବ୍ୟ ଦେଇଥିଲେ। ତେବେ ଇସିଙ୍କ ଠାରୁ କୌଣସି ଫଳପ୍ରଦ ସଙ୍କେତ ନ ମିଳିବା ଏବଂ କଂଗ୍ରେସ ସମେତ ଅଧିକାଂଶ ଦଳ ଅରାଜି ହେବାଫଳରେ ଏହି ପ୍ରସ୍ତାବ ଶୀତଳ ଭଣ୍ଡାରରେ ରହିଯାଇଥିଲା।

# ଭାରତ-ଭିଏତ୍‌ନାମ୍ ମଧ୍ୟରେ ୭ ରାଜିନାମା

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଏତ୍‌ନାମର ପ୍ରତିପକ୍ଷ ଗୁୟେନ୍ ଜୁଆନ୍ ଫୁକ୍‌ଙ୍କ ସହ ଭର୍ଚୁଆଲ ସମ୍ମିଳନୀ କରି ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଆମର ମିଳିତ ଲକ୍ଷ୍ୟ ବୋଲି କହିଛନ୍ତି। ଏହି ଭର୍ଚୁଆଲ ସମ୍ମିଳନୀ ଅବସରରେ ଦୁଇ ଦେଶ ପକ୍ଷରୁ ଏକ ଯୁଗ୍ମ ଦୃଷ୍ଟିପତ୍ର ଜାରି କରାଯାଇଛି ଏବଂ ପ୍ରତିରକ୍ଷା, ବିଜ୍ଞାନ ଗବେଷଣା, ଆଣବିକ ଶକ୍ତି, ପେଟ୍ରୋକେମିକାଲ୍ସ ଓ ଅକ୍ଷୟଶକ୍ତି କ୍ଷେତ୍ରରେ ସହଯୋଗ ଲାଗି ଦୁଇ ଦେଶ ମଧ୍ୟରେ ୭ଟି ନୂଆ ରାଜିନାମା ସ୍ୱାକ୍ଷରିତ ହୋଇଛି। ଉଲ୍ଲେଖଯୋଗ୍ୟ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ କରିବାକୁ ଯାଇ ଭାରତ ଏବେ ଭିଏତ୍‌ନାମକୁ ୧୨ଟି ଅତି ଦ୍ରୁତଗାମୀ ପାଟ୍ରୋଲିଂ ବୋଟ୍ ଯୋଗାଇ ଦେବା ନିମନ୍ତେ ୧୦ କୋଟି ଡଲାର ଋଣ ପ୍ରଦାନ କରିଛି। ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆମର ଭାଗିଦାରୀର ବିଶେଷ ଗୁରୁତ୍ୱ ରହିଛି। ହାନୋଇ ସହ ନୂଆଦିଲ୍ଲୀର ଦୀର୍ଘଦିନର ସମ୍ପର୍କ ରହିଆସିଛି। ଆମର ବିସ୍ତୃତ ରଣନୀତିକ ଭାଗିଦାରୀ ଆହୁରି ପରିବ୍ୟାପ୍ତ ହୋଇଛି ଏବଂ ଘନିଷ୍ଠ ସମ୍ପର୍କ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। କୋଭିଡ୍ ମହାମାରୀ ସଙ୍କଟକୁ ଭିଏତ୍‌ନାମ ଯେଭଳି ମୁକାବିଲା କରିଛି ତାର ପ୍ରଶଂସା କରିଥିଲେ







ମୋଦୀ। ବିଶ୍ୱରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିଲା ବେଳେ ଭିଏତ୍‌ନାମରେ ଏହାକୁ ନିୟନ୍ତ୍ରଣାଧୀନ କରାଯାଇପାରିଛି। ଭାରତ ଭିଏତ୍‌ନାମକୁ ବନ୍ୟା ସହାୟତା ପଠାଇଥିବାରୁ ସେଠାର ପ୍ରଧାନମନ୍ତ୍ରୀ ଫୁକ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଫୁକ୍ କହିଥିଲେ, ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ନିବିଡ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଛନ୍ତି। ଚୀନ୍ ସହ ଦୁଇଦେଶର ବିବାଦ ଲାଗି ରହିଥିଲା ବେଳେ ଏହି ସମ୍ମିଳନୀ ବିଶେଷ ଗୁରୁତ୍ୱ ବହନ କରେ। ଉଲ୍ଲେଖଯୋଗ୍ୟ ଲଦାଖ ସୀମାରେ ଭାରତ-ଚୀନ୍ ସୈନ୍ୟ ଦୀର୍ଘ ମାସ ଧରି ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ସେହିପରି ଦକ୍ଷିଣଚୀନ୍ ସାଗରରେ ଅର୍ଥନୈତିକ ଜୋନ୍‌କୁ କେନ୍ଦ୍ର କରି ଚୀନ୍‌ଭିଏତ୍‌ନାମ୍ ମଧ୍ୟରେ ବିବାଦ ଲାଗିରହିଛି। ଭିଏତ୍‌ନାମକୁ ମିଶାଇ ଏ ପର୍ଯ୍ୟନ୍ତ ୯ଟି ରାଷ୍ଟ୍ରମୁଖ୍ୟଙ୍କ ସହ ମୋଦୀ ଭର୍ଚୁଆଲ ସମ୍ମିଳନୀ କଲେଣି। ପୂର୍ବରୁ ଅଷ୍ଟ୍ରେଲିଆ, ୟୁରୋପୀୟ ସଂଘ, ଶ୍ରୀଲଙ୍କା, ଡେନମାର୍କ, ଇଟାଲୀ, ଲକ୍‌ଜେମ୍ବର, ଉଜ୍‌ବେକିସ୍ତାନ ଓ ବାଂଲାଦେଶ ପ୍ରତିପକ୍ଷଙ୍କ ସହ ମୋଦୀ ଭର୍ଚୁଆଲ ସମ୍ମିଳନୀ କରିଛନ୍ତି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର





## ୟୁଜିସିର ନୂଆ ଡିଷ୍ଟାନ୍ସ କୋର୍ସ

**ଭୁବନେଶ୍ୱର :** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଆସନ୍ତା ବର୍ଷରୁ ୭୮ଟି ସ୍ନାତକ(ଯୁକ୍ତ ୩) ଓ ୪୬ଟି ସ୍ନାତକୋତ୍ତର(ପିଜି) ବିଷୟକୁ 'ମାସିଭ୍ ଅନ୍‌ଲାଇନ୍ ଓପନ୍ ପାଠ୍ୟକ୍ରମ' ବା 'ଡିସଟାନ୍ସ କୋର୍ସ' ମାଧ୍ୟମରେ ପଢ଼ାଯିବ। ଜାନୁଆରୀରୁ ଏହି ଡିଜିଟାଲ୍ ଶିକ୍ଷା ପ୍ରଦାନ କରାଯିବାକୁ ଥିବାବେଳେ ପାଠ୍ୟକ୍ରମଗୁଡ଼ିକର ପରୀକ୍ଷା ଜାତୀୟ ପରୀକ୍ଷା ଏଜେନ୍ସି (ଏନଟିଏ) କରିବ। ତେବେ ଏହି ବିଷୟଗୁଡ଼ିକର ସେମିଷ୍ଟର ପରୀକ୍ଷା ମେ ମାସରେ ଅନୁଷ୍ଠିତ ହେବ। କରୋନା ମହାମାରୀ ସ୍ଥିତି ଯୋଗୁଁ ଦେଶରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ବନ୍ଦ ହୋଇଥିବାବେଳେ 'ଡିସ୍‌ଟାନ୍ସ ପାଠ୍ୟକ୍ରମ' ଓ ଡିଜିଟାଲ୍ ଶିକ୍ଷାର ଚାହିଦା ବେଶ ଅଧିକ ରହିଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାର ନିରନ୍ତରତାକୁ ଉତ୍ସାହିତ କରିବା ପାଇଁ ୟୁଜିସି ପକ୍ଷରୁ ଅନ୍‌ଲାଇନ୍ ପ୍ଲାଟଫର୍ମରେ ବିଭିନ୍ନ ଖ୍ୟାତନାମା ଅନୁଷ୍ଠାନ ସହିତ ଚୁକ୍ତିନାମା ସ୍ୱାକ୍ଷରିତ କରି 'ଡିସ୍‌ଟାନ୍ସ ପାଠ୍ୟକ୍ରମ' ମାଧ୍ୟମରେ ଅନ୍‌ଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା ଗ୍ରହଣ କରିଛି। ତେବେ ଅନଲାଇନ ଶିକ୍ଷା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ 'ସ୍ୱୟଂ' ୱେବ୍ ସାଇଟ୍‌ର ବ୍ୟବସ୍ଥା କରାଯାଇଛି।

# ପର ଘର ତିଅଣରେ ଅତିଥି ସତ୍କାର କରିବା ରାଜ୍ୟ ସରକାରଙ୍କୁ ଜଣା : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ କୃଷି କ୍ଷେତ୍ରରେ ବିପୁଳ ଆର୍ଥିକ ଅନୁଦାନ ଏବଂ ସହାୟତା ଦେଉଥିବା ବେଳେ ରାଜ୍ୟରେ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟଙ୍କାକୁ ଦେବାର ବଞ୍ଚିତ କରାଯାଉଛି ବୋଲି ଶନିବାର ଢେଙ୍କାନାଳର ମିନି ଷ୍ଟାଡ଼ିୟମରେ ଆୟୋଜିତ ବିଶାଳ ଚାଷୀ ସମାବେଶରେ ଚାଷୀ ମାନଙ୍କୁ ସମ୍ବୋଧନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆ କୃଷି ଆଇନ ଦ୍ୱାରା ଓଡ଼ିଶା ସମେତ ଭାରତବର୍ଷର ଚାଷୀମାନେ ଅଧିକ ଲାଭ ପାଇବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଶ୍ରୀ ପ୍ରଧାନ। ବିଗତ ୬ ବର୍ଷରେ ଓଡ଼ିଶାର ଚାଷୀଙ୍କୁ ବିଭିନ୍ନ କୃଷି ଯୋଜନା ତଥା ଡିବିଟି ଜରିଆରେ ମୋଟ ୬୦ ହଜାର ୮୩୬.୯୭ କୋଟି ଟଙ୍କା ଦିଆଯାଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ ଢେଙ୍କାନାଳ ଚାଷୀଙ୍କ ଠାରୁ ମୋଦି ସରକାର ୧ ଲକ୍ଷ ୨୮ ହଜାର ୬୧୦ ମେଟ୍ରିକ୍ ଟନର ଖାଦ୍ୟଶସ୍ୟ କ୍ରୟ କରିଛନ୍ତି । ୨୦୧୯-୨୦ ଆର୍ଥିକ ବର୍ଷରେ ଅନୁଗୁଳ ଚାଷୀଙ୍କ ଠାରୁ ମୋଦି ସରକାର ୮୬ ହଜାର ୨୯୨ ମେଟ୍ରିକ୍ ଟନର ଖାଦ୍ୟଶସ୍ୟ କ୍ରୟ କରିଛନ୍ତି । ରାଜ୍ୟରେ କିନ୍ତୁ ପ୍ରଶାସନ ଏବଂ ମଧ୍ୟସ୍ଥିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି । କେବଳ ଗୋଟିଏ ପକ୍ଷ ଦଳର ସମର୍ଥକଙ୍କୁ ଟୋକନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଉଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ଚାଷୀଙ୍କ କାଳିଆ ଟଙ୍କା କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କୃଷିକୁ ବ୍ୟବସାୟର ରୂପ ଦେବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ । ନୂଆ କୃଷି ଆଇନରେ ଚାଷୀମାନେ ଏପିଏମଏସି ମଣ୍ଡିରେ ନିଜର ଉତ୍ପାଦିତ ସାମଗ୍ରୀ ବିକ୍ରି କରିବା ସହ ଦେଶର ଯେକୌଣସି ସ୍ଥାନରେ ବିକ୍ରି କରି ନିଜ ସାମଗ୍ରୀର ଉଚିତ୍ ମୂଲ୍ୟ ପାଇପାରିବେ । ନୂଆ କୃଷି ଆଇନରେ ଗୋଟିଏ ଦେଶ ଓ ଗୋଟିଏ ବଜାର ତଥା ଇ-ନାମର ବ୍ୟବସ୍ଥା କରାଯାଇଛି । ଏହା ଦ୍ୱାରା ଢେଙ୍କାନାଳର ଆମ୍ବ ବମ୍ଫେ ଏବଂ ଅନୁଗୁଳର ଲିଚୁ ପଶ୍ଚିମବଙ୍ଗ ବଜାରରେ ବିକ୍ରି ହୋଇପାରିବ । ଚାଷୀଙ୍କୁ ଆତ୍ମନିର୍ଭର କରିବା ପାଇଁ ହୋଇଛି ନୂଆ କୃଷି ଆଇନ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୃଷି ଆଇନରେ ବ୍ୟବସ୍ଥା ହୋଇଛି । କୃଷି ଉତ୍ପାଦ ସଂଗଠନ(ଏଫପିଓ) ଓ ୧ ଲକ୍ଷ କୃଷି ଭିତ୍ତିଭୂମି ପାଣ୍ଠିରୁ ଓଡ଼ିଶାର ଚାଷୀ ମାନଙ୍କୁ ଲାଭ ଦେବ । ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀର ବଜାର ମୂଲ୍ୟ ପାଇପାରିବେ । ଓଡ଼ିଶାର ବରଗଡ଼ ପରେ ଢେଙ୍କାନାଳରେ କୃଷି ବର୍ଜ୍ୟରୁ ଇଥାନଲ ପ୍ରସ୍ତୁତ କରାଯିବାର ମଧ୍ୟ ଯୋଜନା କରାଯାଉଛି । ୨୦୧୩-୧୪ ଆର୍ଥିକ ବର୍ଷରେ କଂଗ୍ରେସ ସରକାର ଓଡ଼ିଶାରୁ ୨.୮ ମିଲିୟନ ମେଟ୍ରିକ ଟନର ଖାଦ୍ୟଶସ୍ୟ କ୍ରୟ କରିଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଦି ସରକାରରେ ଓଡ଼ିଶାରୁ ୭.୦୫ ମିଲିୟନ ମେଟ୍ରିକ୍ ଟନ ଖାଦ୍ୟଶସ୍ୟ କିଣାଯାଇଛି। ୨୦୧୪ରେ ଧାନର ଏମଏସପି କ୍ୱିଂଟାଲ୍ ପିଛା ୧୩୧୦ ଟଙ୍କା ବେଳେ ମୋଦି ସରକାରରେ ୨୦୧୯-୨୦ ବର୍ଷରେ ହୋଇଛି ୧୮୧୫ ଟଙ୍କା ଏବଂ ଚଳିତବର୍ଷ ଧାନର ଏମଏସପି ୧୮୬୭ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ମାତ୍ର କିଛି ନଖ ଘଷୁଥିବା ଗୋଷ୍ଠୀ, ଭାରତ ବିରୋଧୀ ଓ ପାକିସ୍ତାନର ଗୁଣଗାନ ଗାଉଥିବା ଲୋକମାନେ ପ୍ରଧାନମନ୍ତ୍ରୀଙ୍କ କୃଷି ଆଇନକୁ ବିରୋଧ କରିବାର ଷଡ଼ଯନ୍ତ୍ର କରୁଛନ୍ତି । କୃଷି ଆଇନକୁ ନେଇ ଚାଷୀଙ୍କ ମନରେ ଭ୍ରମ ସୃଷ୍ଟି କରାଯାଉଛି । ଏମଏସପି ଏବଂ ଜମି ଅନ୍ୟ ଜଣଙ୍କ ପାଖକୁ ଚାଲିଯିବାର ଭୟ ଚାଷୀଙ୍କ ମନରେ ତିଆରି କରାଯାଉଛି । ଏହାର ଜବାବ୍ ଚାଷୀମାନେ ନିଶ୍ଚୟ ଦେବେ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସୁଥିବା ଘରେ ବିଜୁ ପକ୍କାଘର ଯୋଜନାର ଷ୍ଟିକର ମରାଯାଉଛି । ଏଥିରୁ ପର ଘର ତିଅଣରେ ଅତିଥି ସତ୍କାର କରିବା ରାଜ୍ୟ ସରକାରଙ୍କୁ ଜଣା ମନେହେଉଛି । ଓଡ଼ିଶାର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଦେଉଥିବା ଟଙ୍କା ଉକ୍ତ ଘର ପର୍ଯ୍ୟନ୍ତ ପହଁଚାଇବା ପାଇଁ ଜଗିବା ଦରକାର । ୨୦୨୨ ସୁଦ୍ଧା ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର ହେବା ନେଇ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବେଳେ ଓଡ଼ିଶାକୁ ଘର ପାଇଁ ପ୍ରଧାନମନ୍ତ୍ରୀ ମୋଦି ପଠାଉଥିବା ଟଙ୍କାକୁ ଜଗିବାର ଆବଶ୍ୟକତା ରହିଛି।



# 'ସହରାଞ୍ଚଳ ବିକାଶରେ ଓଡ଼ିଶା ହେବ ରୋଲ ମଡେଲ'

**ଭୁବନେଶ୍ୱର :** ରାଜ୍ୟର ପ୍ରଥମ ଟାଉନ ପ୍ଲାନିଂ ଯୋଜନାରେ ଆଜି ଭୁବନେଶ୍ୱର ଉପକଣ୍ଠର ୪ଟି ଗାଁ ସହଜପୁର, ନାରଗୋଦା, ସିଜୁପୁଟ ଓ ପାଇକରାପୁରର ଗ୍ରାମବାସୀମାନଙ୍କୁ ବିକଶିତ ଅଞ୍ଚଳର ଜମିପଟ୍ଟା ଆବଣ୍ଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପଟ୍ଟା ଆବଣ୍ଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସହରାଞ୍ଚଳ ବିକାଶରେ ନାଗରିକ ଓ ଗୋଷ୍ଠୀଗତ ଭାଗିଦାରୀ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଲୋକଙ୍କ ସହଯୋଗରେ ସହରାଞ୍ଚଳରେ ଏହିଭଳି ଯୋଜନାବଦ୍ଧ ବିକାଶ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାକୁ ଦେଶର ରୋଲମଡେଲ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭୁବନେଶ୍ୱର କେବଳ ରାଜ୍ୟ ନୁହେଁ, ସାରା ଦେଶର ଏକ ଆକର୍ଷଣୀୟ ସହର। ଏହାର ଲୋକସଂଖ୍ୟା ପରିସୀମା କ୍ରମାଗତଭାବେ ବୃଦ୍ଧି ପାଉଛି। ଏ ଦୃଷ୍ଟିରୁ ଏହାର ସାମଗ୍ରିକ ବିକାଶ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ସହର ଉପକଣ୍ଠରେ ଜନସାଧାରଣଙ୍କ ଭାଗିଦାରୀରେ ଟାଉନ ପ୍ଲାନିଂ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କ୍ରମବର୍ଦ୍ଧିଷ୍ଣୁ ସହର ଗୁଡିକର ଯୋଜନାବଦ୍ଧ ବିକାଶ ପାଇଁ ଏହା ସମ୍ପୂର୍ଣ୍ଣ ଭାବେ ଏକ ସ୍ୱଚ୍ଛ ବାସ୍ତବବାଦୀ ଉପାୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ, ଟାଉନ ପ୍ଲାନିଂ କାର୍ଯ୍ୟକ୍ରମରେ ଯୋଜନା ଅଞ୍ଚଳର ୪୦% ଜମିକୁ ରାସ୍ତାଘାଟ ଆଦି ବିଭିନ୍ନ ଭିତ୍ତିଭୂମିର ବିକାଶ ପାଇଁ ରଖାଯାଏ। ଭିତ୍ତିଭୂମି ବିକାଶ ସହିତ ଜମିର ଦର ବୃଦ୍ଧି ଯୋଗୁ ଜମି ମାଲିକମାନେ ଉପକୃତ ହୁଅନ୍ତି। ରାଜ୍ୟରେ ବର୍ତ୍ତମାନ ୫୮ଟି ରାଜସ୍ୱ ଗ୍ରାମରେ ୪୫ଟି ଟାଉନ ପ୍ଲାନିଂ କରାଯାଇଛି। ପ୍ରାଥମିକ ଭାବେ ୪ଟି ଗାଁର ଯୋଜନା ଅନୁମୋଦିତ ହୋଇଛି। ଏଥିରେ ସମୁଦାୟ ୭୪୬ ଏକର ଜମିର ଭିତ୍ତିଭୂମିର ବିକାଶ କରାଯାଉଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୋଜନାବଦ୍ଧ ବିକାଶ କ୍ଷେତ୍ରରେ ରାଜ୍ୟରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ ହେବ ଏବଂ ଅନ୍ୟ ସହରମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ସେ ପୁରି କହିଥିଲେ ଯେ, ସହର ଗୁଡିକ ହେଉଛି ଅର୍ଥନୈତିକ ବିକାଶର ଇଞ୍ଜିନ। ଏହାର ନିରନ୍ତର, ସାମଗ୍ରିକ ବିକାଶ ପାଇଁ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏକ ଆର୍ଥିକ ସୁରକ୍ଷାବଳୟ ସୃଷ୍ଟି ସହିତ ବିକାଶ ଯୋଜନା ଗୁଡିକୁ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ସେ ମତ ଦେଇଥିଲେ। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ରାଜ୍ୟରେ ପ୍ରଥମଥର ପାଇଁ ବିଡିଏ ପକ୍ଷରୁ ଭୁବନେଶ୍ୱରରେ ଏଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି। ସହରର ଭିତ୍ତିଭୂମି ବିକାଶ ପାଇଁ ଏହି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଡିଏର ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଯୋଜନା ସଦସ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାତନନ୍, ରାଜସ୍ୱ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ ପୂର୍ତ୍ତ ବିଭାଗର ସଚିବ କିଶନ କୁମାର ଏବଂ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ.ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।




## ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲର୍ଣ୍ଣିଂ ଲାଇସେନ୍ସ ବୈଧ

**ଭୁବନେଶ୍ୱର :** ଲର୍ଣ୍ଣିଂ ଲାଇସେନ୍ସର ବୈଧତା ଅବଧି ଆଉ ୩ ମାସ ବଢ଼ାଇଛନ୍ତି ରାଜ୍ୟ ସରକାର। ବୈଧତା ଅବଧିକୁ ୨୦୨୧ ମାର୍ଚ୍ଚ ୩୧ ଯାଏଁ ବଢାଯାଇଥିବା ଟ୍ୱିଟ୍ ଯୋଗେ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ସମୟ ସୀମା ଥିଲା। କୋଭିଡ୍ କଟକଣା ଯୋଗୁଁ ଆର୍‌ଟିଓରେ ସୀମିତ ସଂଖ୍ୟକ ଡିଏଲ୍ ଆବେଦନକାରୀଙ୍କ ସ୍ଲଟ୍ ବୁକିଂ ହେଉଛି। ତେଣୁ ଲର୍ଣ୍ଣର୍ସ ଲାଇସେନ୍ସ ଥିବା ଗାଡ଼ିଚାଳକ ଡିଏଲ୍ ଫାଇନାଲ୍ ଟେଷ୍ଟ ପାଇଁ ସ୍ଲଟ୍ ବୁକିଂରେ ଅସୁବିଧା ଭୋଗୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। କିଛି ଦିନ ତଳେ ଲର୍ଣ୍ଣିଂ ଡ୍ରାଇଭିଂ ଲାଇସେନ୍ସ ନିୟମାବଳୀରେ ପରିବର୍ତ୍ତନ କରାଯାଇଛି। ଲର୍ଣ୍ଣର ଲାଇସେନ୍ସ ପାଇଁ ନିୟମ ଅଧିକ କଡ଼ାକଡ଼ି ସହ ବ୍ୟବସ୍ଥାରେ ସରଳୀକରଣ ହୋଇଛି। ଏହି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରିବାକୁ ରାଜ୍ୟର ସମସ୍ତ ୩୮ ଆରଟିଓରେ ଥିବା ଲର୍ଣ୍ଣିଂ ଲାଇସେନ୍ସ ସେଣ୍ଟରରେ ଆଇପି କ୍ୟାମେରା ଲାଗିବ। ଏଇ ମାସ ସୁଦ୍ଧା ଏ ପ୍ରକ୍ରିୟା ସରିବ। କ୍ୟାମେରାରେ ଉତ୍ତୋଳିତ ଭିଡିଓ ଫୁଟେଜକୁ କଟକ ସ୍ଥିତ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପରିଚାଳନା କରିବେ।

### ମୁଖ୍ୟମନ୍ତ୍ରୀଙ୍କ ମହିଳା ସଂରକ୍ଷଣ ପ୍ରସଙ୍ଗ

## ସରକାରଙ୍କ ଉପରେ ବର୍ଷିଲେ ବିଜେପି ନେତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳାମାନଙ୍କୁ କେବେ ବି ଗୁରୁତ୍ୱ ଦିଅନ୍ତି ନାହିଁ । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମହିଳା ସଂରକ୍ଷଣ କଥା ଉଠାଇ କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବାର ଅପଚେଷ୍ଟା କରିଛନ୍ତି । ଗତ କିଛିଦିନ ଧରି ରାଜଧାନୀର ରାଜରାସ୍ତାରେ ବିଭିନ୍ନ ଦାବି ନେଇ ଏଏନଏମ କର୍ମୀମାନେ ପ୍ରତିବାଦ କରିଚାଲିଛନ୍ତି । ମୁଖ୍ୟମନ୍ତ୍ରୀ କ'ଣ ଏ ବିଷୟରେ ଅବଗତ ନାହାଁନ୍ତି କି ? ମହିଳାଙ୍କୁ ଗୁରୁତ୍ୱ ଦେବା କଥା କହୁଥିବା ମୁଖ୍ୟମନ୍ତ୍ରୀ ପ୍ରତିବାଦ କରୁଥିବା ଏଏନଏମ ମହିଳାଙ୍କ କଥା କାହିଁକି ବୁଝୁନାହାଁନ୍ତି ବୋଲି ବିଜେପି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। କୋଭିଡ ସମୟରେ ନିଜ ପରିବାର ଲୋକ ମୁହଁ ଫେରାଉଥିବାବେଳେ ଏଏନଏମ କର୍ମୀମାନେ କରୋନା ଯୋଦ୍ଧା ହୋଇ ରୋଗୀଙ୍କୁ ସେବା ସାହାଯ୍ୟ ଯୋଗାଇଥିଲେ । ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ସେମାନଙ୍କର ବକେୟା ଦରମା ଦେବା ପାଇଁ ମୁଖ୍ୟମନ୍ତ୍ରୀ କଣ ବ୍ୟବସ୍ଥା କରିଛନ୍ତି ? ସେହିପରି ଲୋକସଭା ଭବନ ଠାରୁ ଆରମ୍ଭ କରି ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ କାର୍ଯ୍ୟରତ ଥିବା ମହିଳାଙ୍କୁ ସ୍ଥାୟୀ ନିଯୁକ୍ତି କାହିଁକି ଦିଆଯାଉନାହିଁ । ଠିକା କର୍ମଚାରୀ ଭାବେ କାମ କରୁଥିବା ମହିଳାଙ୍କୁ ରାଜ୍ୟସରକାର ସେମାନଙ୍କୁ ସରକାରୀ ବ୍ୟବସ୍ଥାରେ ଦରମା ଦେବା ପାଇଁ କାହିଁକି ବ୍ୟବସ୍ଥା କରୁନାହାଁନ୍ତି ? ମୁଖ୍ୟମନ୍ତ୍ରୀ ମହିଳା ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେଇପାରିବେ କି ବୋଲି ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସରକାରୀ ବ୍ୟବସ୍ଥାରେ ପ୍ରସବ ଜନିତ ଛୁଟି ମିଳେ କିନ୍ତୁ ଦୁର୍ଭାଗ୍ୟର କଥା ଠିକା ମହିଳା କର୍ମଚାରୀମାନେ ଏହି ସୁବିଧାରୁ ବଂଚିତ ରହୁଛନ୍ତି । ଗତ ୫ବର୍ଷରେ ପରୀ ସମେତ ରାଜ୍ୟରେ ୨୭ ହଜାର ଶିଶୁ ନିଖୋଜ ହୋଇଛନ୍ତି । ଏ ଦିଗରେ ମୁଖ୍ୟମନ୍ତ୍ରୀ ନୀରବ କାହିଁକି ରହିଛନ୍ତି ? ଏବେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ସଂରକ୍ଷଣ ଦୁହାଇ ଦେଇ ଓଡିଶାର ଲୋକଙ୍କୁ ଦୁଃସ୍ୱପ୍ନ ଦେଖାଉଛନ୍ତି । ଗତ ୨୦ ବର୍ଷ ଶାସନ ଭିତରେ ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି କ'ଣ ରହିଛି ତାହାର ହିସାବ ମୁଖ୍ୟମନ୍ତ୍ରୀ ଦେବା ପାଇଁ ଶ୍ରୀମତୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

## ନବରଙ୍ଗପୁର ଜିଲ୍ଲାରେ ନୂତନ ଏସ୍‌ପିଙ୍କ ଯୋଗଦାନ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ ଭାବେ ଆଇପିଏସ୍ ପ୍ରହଲ୍ଲାଦ ସହାୟ ମୀନା ଯୋଗ ଦେଇଛନ୍ତି। ଶୁକ୍ରବାର ଦିନ ଶ୍ରୀ ମୀନା ପୁରୁଣା ଏସ୍‌ପି କୁସଲକରଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୨୦୧୭ ବ୍ୟାଚ୍‌ର ଆଇପିଏସ୍ ଏଥିପୂର୍ବରୁ ମାଲକାନଗିରି ଜିଲ୍ଲାରେ ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଥିଲେ। କାର୍ଯ୍ୟଭାର ହସ୍ତାନ୍ତର ଅବସରରେ ଶ୍ରୀ ମୀନା ଜଣେ ଦକ୍ଷ ପୋଲିସ ଅଧିକାରୀ ଓ ସେ ନକ୍ସଲ ଦମନ କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ହାସଲ କରିଥିବା ପୁରୁଣା ଏସ୍ପି ଶ୍ରୀ କୁସଲକର ସୂଚନା ଦେଇଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ଏସ୍‌ପି ଶ୍ରୀ ମୀନା ଗଣମାଧ୍ୟମ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ସେ ଜିଲ୍ଲାରେ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା, ଆଇନ ଶୃଙ୍ଖଳା ବ୍ୟବସ୍ଥା ବଜାୟ ରଖିବା ଓ ଅପରାଧୀ ମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତାଙ୍କର ପ୍ରାଥମିକତା ରହିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଏସ୍‌ଡିପିଓ, ନବରଙ୍ଗପୁର ଥାନା ଅଧିକାରୀ ତାରିଖ ଅହମ୍ମଦ ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଖାଁ ଖାଁ ଲାଗୁଛି ଟୁଙ୍କି ଜଳପ୍ରପାତ

**ଉଦଳା, (ନିରୁପମା ରଣା):** ନୂଆବର୍ଷ ଆସିଲେ ମନେପଡେ ପର୍ଯ୍ୟଟନ ସ୍ଥଳୀ। ପର୍ଯ୍ୟଟନର ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଥାଏ। ଗତବର୍ଷ ତୁଳନାରେ ଏବର୍ଷ କରୋନା ମହାମାରୀ ଯୋଗୁଁ ପର୍ଯ୍ୟଟନ ସ୍ଥଳୀରେ ଭିଡ କମ ଦେଖିବାକୁ ମିଳୁଛି। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ ଶିମିଳିପାଳ ପାଦଦେଶରେ ଅବସ୍ଥିତ ଟୁଙ୍କି ଜଳପ୍ରପାତ। ପାହାଡ ଜଙ୍ଗଲ ଓ ଝରଣାର କୁଳୁକୁଳୁ ଶବ୍ଦରେ ମନଲୋଭା ପରିବେଶ ବେଶ ଆକୃଷ୍ଟ କରିଥାଏ ପର୍ଯ୍ୟଟକଙ୍କୁ। କରୋନା ମହାମାରୀ ଯୋଗୁଁ ଟୁଙ୍କି ଜଳପ୍ରପାତ ଏବେ ଖାଁ ଖାଁ ଲାଗୁଛି। ଶିମିଳିପାଳ ପାଦଦେଶରେ ଅବସ୍ଥିତ ଟୁଙ୍କି ଜଳ ପ୍ରପାତକୁ ଡିସେମ୍ବର ଠାରୁ ଫେବୃଆରୀ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥାଏ। ପ୍ରାକୃତିକ ମନଲୋଭା ପରିବେଶ ଓ ବଣଭୋଜି କରିବାରେ ବେଶ ମଜା ନେଇଥାନ୍ତି ପର୍ଯ୍ୟଟକ। କେବଳ ଏହି ଅଞ୍ଚଳ ନୁହେଁ ବାଲେଶ୍ୱର, କେନ୍ଦୁଝର, କଟକ, ଭୁବନେଶ୍ୱର ଏପରିକି ପଶ୍ଚିମବଙ୍ଗରୁ ମଧ୍ୟ ପର୍ଯ୍ୟଟକଭ୍‌କ ଭିଡ ଲାଗିଥାଏ। କିନ୍ତୁ ଏବେ କରୋନା ମହାମାରୀ ଯୋଗୁଁ ଟୁଙ୍କ ଜଳପ୍ରପାତରେ ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳୁନାହିଁ। ଶିମିଳିପାଳ ପାଦଦେଶକୁ ବୁଲିବାକୁ ଗଲେ କପ୍ତିପଦା ଉପଖଣ୍ଡ ଉଦଳା ଠାରୁ ୧୬ କିଲୋମିଟର ଖୁଣ୍ଟା ପର୍ଯ୍ୟନ୍ତ ପହଞ୍ଚି ଖୁଣ୍ଟାରୁ ଭୋଳାଗୋଡିଆ ରାସ୍ତାରେ ୧୮ କିଲୋମିଟର ପରେ ପଡିବ ଟୁଙ୍କି ଜଳ ପ୍ରପାତ। ପ୍ରତ୍ୟେକବର୍ଷ ଏହି ଜଳ ପ୍ରପାତ ଟୁଙ୍କିକୁ ପର୍ଯ୍ୟଟକଙ୍କ ଭିଡ ଲାଗିଥିବା ବେଳେ ଗମନାଗମନ, ପାନୀୟ ଜଳର ସମସ୍ୟା ଥିବା ପର୍ଯ୍ୟଟକମାନେ ପ୍ରକାଶ କରିଛନ୍ତି। ସରକାର ଏହି ପର୍ଯ୍ୟଟକ ସ୍ଥଳୀର ସମସ୍ୟା ପ୍ରତି ଦୃଷ୍ଟି ଦେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ଓ ପର୍ଯ୍ୟଟନ ସ୍ଥଳୀର ବିକାଶ ହୋଇପାରିବ।

### ଆକ୍ସନ ମୁଡ୍‌ରେ ଭିଜିଲାନ୍ସ

# ଜେଲ୍ ଗଲେ କୋଟିପତି କିରାଣୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଦୁର୍ନୀତି ବିରୋଧରେ ଲଢ଼େଇ ଜାରି ରଖିବାକୁ ଉପଦେଶ ଦେବା ସହିତ ରାଜ୍ୟର ସମସ୍ତ ଜନପ୍ରତିନିଧି ଓ ସମସ୍ତ ସରକାରୀ କର୍ମଚାରୀଙ୍କ ସମ୍ପତ୍ତି ତାଲିକା ପବ୍ଲିକ୍ ଡୋମେନରେ ପ୍ରକାଶିତ ହେବ ବୋଲି କହୁଥିବା ସମୟରେ ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ କିରାଣୀ କିଭଳି ଅସଦ ଉପାୟରେ କୋଟି କୋଟି ଟଙ୍କା ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରି ଶେଷରେ ଜେଲ୍ ଯାଇଛନ୍ତି। ନିକଟରେ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୧ରେ କାର୍ଯ୍ୟ କରୁଥିବା ବରିଷ୍ଠ କିରାଣୀ ଅସିତ କୁମାର ନାୟକଙ୍କ ଘର ରେଡ କରାଯାଇଥିଲା। ଭିଜିଲାନ୍ସ ବିଭାଗ ତରଫରୁ ଜଣାପଡିଛି ଯେ, ଅସିତ କୁମାର ନାୟକଙ୍କ ଘରୁ ଆପାତତଃ ୫ କୋଟି ୨୩ ଲକ୍ଷ ୬୨ ହଜାର ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶ୍ରୀ ନାୟକଙ୍କ ଭୁବନେଶ୍ୱର ଡୁମୁଡୁମା ସ୍ଥିତ ବାସଭବନ ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଥିଲା। ଯାଞ୍ଚ କରିବା ପରେ ତାଙ୍କର ସମୁଦାୟ ୫କୋଟି ୨୩ଲକ୍ଷ ୬୨ହଜାର ୧୦୦ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଭିଜିଲାନ୍ସ ସୂଚନା ଅନୁସାରେ, ଶ୍ରୀ ନାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡିଭିଜନ-୧, ଭୁବନେଶ୍ୱର କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରନ୍ତି। ତାଙ୍କ ନାଁରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଭିଜିଲାନ୍ସ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ସ୍ପେଶାଲ ଜଜ୍ ଭୁବନେଶ୍ୱରଙ୍କ ପକ୍ଷରୁ ଏକ ସର୍ଚ୍ଚ ୱାରେଣ୍ଟ ଜାରି କରାଯାଇଥିଲା। ଏହାପରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଅସିତଙ୍କ ଡୁମୁଡୁମା ସ୍ଥିତ ୩ମହଲା କୋଠା, ଜଟଣୀରେ ଥିବା ଡୁପ୍ଲେକ୍ସ, ବ୍ରହ୍ମପୁର ଫ୍ଲାଟ୍ ଓ ଡୁପ୍ଲେକ୍ସ, ବ୍ରହ୍ମପୁର ଗୋଳନ୍ଥରା କାଠପାଲି ସ୍ଥିତ ଗାଁ ଘରେ ଓ ଭୁବନେଶ୍ୱର ଅଫିସ୍‌ରେ ଚଢ଼ଉ କରାଯାଇଥିଲା। ଏହି ୬ଟି ସ୍ଥାନରେ ଚଢ଼ଉ କରାଯିବା ପରେ ଅସିତ୍ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଭୁବନେଶ୍ୱର ଡୁମୁଡୁମାରେ ୬୬ଲକ୍ଷ ୧୪ହଜାର ୮୨୮ଟଙ୍କାର ଗୋଟିଏ ତିନିମହଲା କୋଠା, ଜଟଣୀ ଓ ବ୍ରହ୍ମପୁରରେ ୫୭ଲକ୍ଷ ୭୧ହଜାର ୭୭୭ଟଙ୍କାର ୨ଟି ଡୁପ୍ଲେକ୍ସ, ବ୍ରହ୍ମପୁରରେ ୪୫ଲକ୍ଷର ଗୋଟିଏ ଫ୍ଲାଟ୍, ବ୍ରହ୍ମପୁର ବିଜିପୁରରେ ୬ଲକ୍ଷ ୩ହଜାର ୭୫୮ଟଙ୍କାର ଏକ ଘର, ଜଟଣୀ ଓ ବ୍ରହ୍ମପୁରରେ ୮ଲକ୍ଷ ୬୦ହଜାର ୨୦୦ଟଙ୍କାର ୪ଟି ପ୍ଲଟ୍, ୮ଲକ୍ଷ ୫୫ହଜାର ଟଙ୍କାର ଗୋଟିଏ କାର୍, ଏକଲକ୍ଷ ୬୦ହଜାର ଟଙ୍କାର ଗୋଟିଏ ସ୍କିଡ୍ ବାଇକ୍, ୨କୋଟି ୭୮ଲକ୍ଷ ୮ହଜାର ୧୨୫ଟଙ୍କାର ବ୍ୟାଙ୍କ ଡିପୋଜିଟ୍, ୧୧ଲକ୍ଷ ୮୭ହଜାର ୨୧୬ଟଙ୍କାର ସୁନା ଓ ରୁପାଗହଣା, ନଗଦ ୧୦ଲକ୍ଷ ୬୨ହଜାର ୬୦୫ଟଙ୍କା ଓ ୨୯ଲକ୍ଷ ୩୮ହଜାର ୫୯୧ଟଙ୍କାର ଘରୋଇ ବ୍ୟବହାରୀ ଜିନିଷ ଠାବ କରାଯାଇଛି। ମଙ୍ଗଳବାର ସକାଳେ ଭିଜିଲାନ୍ସ ଅସିତଙ୍କ ବାସଭବନରେ ଚଢ଼ଉ କରିବା ସହ ତାଙ୍କ କାର୍ଯ୍ୟାଳୟରୁ ଅନେକ କାଗଜପତ୍ର ଜବତ କରିଛି। ଏହି କାଗଜପତ୍ର ଅସିତଙ୍କୁ ଜେଲ୍ ଦ୍ୱାର ଦେଖାଇବା ନେଇ ଯଥେଷ୍ଟ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।




## ଧରାପଡିଲେ କୋଟିପତି ଅଙ୍ଗନବାଡି କର୍ମୀ

**ବ୍ରହ୍ମପୁର :** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୋଟିପତି ଅଙ୍ଗନବାଡ଼ି କର୍ମୀ। ବ୍ରହ୍ମପୁର ଓ ଭୁବନେଶ୍ୱରରେ ତାଙ୍କର ୬ଟି କୋଠା ଘର ଠାବ ହୋଇଛି। ଏହାସହିତ ପ୍ରଚୁର ସୁନାଗହଣା, ବ୍ୟାଙ୍କ ଓ ବୀମା ଜମା, କାର୍ ଓ ଆସବାବପତ୍ରର ସନ୍ଧାନ ମିଳିଛି। ସେ ହେଲେ ବ୍ରହ୍ମପୁର ସହରର ଅଙ୍ଗନବାଡ଼ି କର୍ମୀ ନମିତା ଦଳାଇ। ଏକକାଳୀନ ୭ଟି ସ୍ଥାନରେ ଭିଜିଲାନ୍ସର ପୃଥକ୍ ଟିମ ଚଢ଼ଉ କରିଥିଲା। ବ୍ରହ୍ମପୁର ମହାନଗର ନିଗମର ହରିଡ଼ାଖଣ୍ଡି ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ପ୍ରଥମ ଗଳିରେ ଥିବା ବାସଭବନ, ଗଣେଶ ନଗରର ୪ ନମ୍ବର ଗଳିରେ ଥିବା କୋଠା, ଭୁବନେଶ୍ୱର ସୁନ୍ଦରପଦା ସମେତ ଦୁଇଟି ସ୍ଥାନରେ ଥିବା ବଡ଼ ଅଟ୍ଟାଳିକା ଓ ସରକାରୀ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଥିଲା। ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୨ କୋଟି ୨୫ ଲକ୍ଷ ୯୬ ହଜାର ୬୪୭ ଟଙ୍କା ବୋଲି ଭିଜିଲାନ୍ସ ପ୍ରାଥମିକ ଆକଳନ ଅନୁଯାଇ ସୂଚନା ଦେଇଛି। ଭିଜିଲାନ୍ସ ଏସ୍‌ପି ଅନୀଲ କୁମାର ପାତ୍ରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନମିତା ଦଳାଇଙ୍କ ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହିରେ ଥିବା ୩ ମହଲା ଅଟ୍ଟାଳିକାର ମୂଲ୍ୟ ୮୩ ଲକ୍ଷ ୪୪ ହଜାର ୩୪୮ ଟଙ୍କା, ଦୁଇ ମହଲା କୋଠାର ମୂଲ୍ୟ ୨୨ଲକ୍ଷ ୧୩ ହଜାର ୪୦୦ଟଙ୍କା, ୧୨ ନମ୍ବର ଗଳିରେ ଥିବା ବାସଭବନର ମୂଲ୍ୟ ୫ଲକ୍ଷ ୨୮ହଜାର ୨ଶହ ଟଙ୍କା, ମଧୁସୂଦନ ମୌଜାରେ ତାଙ୍କ ପୁଅ ସୌମ୍ୟରଞ୍ଜନ ଦଳାଇଙ୍କ ନାମରେ ଥିବା ଏକ ବାସଭବନର ମୂଲ୍ୟ ୧୧ ଲକ୍ଷ ୬୩ ହଜାର ୮୮ ଟଙ୍କା ଆକଳନ କରାଯାଇଛି । ସେହିପରି ନମିତାଙ୍କ ନାମରେ ଭୁବନେଶ୍ୱର ଗୌତମ ନଗରରେ ଥିବା ଏକ ଫ୍ଲାଟର ମୂଲ୍ୟ ୪୫ ଲକ୍ଷ ୨୧ ହଜାର ୮୦୦ଟଙ୍କା, ସୁନ୍ଦରପଦାରେ ଥିବା ଫ୍ଲାଟର ମୂଲ୍ୟ ୨୭ ଲକ୍ଷ ୬୮ ହଜାର ଟଙ୍କା ବୋଲି ଭିଜିଲାନ୍ସ କହିଛି। ତାଙ୍କ ବାସଭବନରେ ଥିବା ଘରକରଣା ସାମଗ୍ରୀର ମୂଲ୍ୟ ୩ଲକ୍ଷ ୩୫୦ ଟଙ୍କା, ଏକ କାରର ମୂଲ୍ୟ ୬ଲକ୍ଷ ୧୯ ହଜାର ୭୪୬ ଟଙ୍କା, ଏକ ସ୍କୁଟର ମୂଲ୍ୟ ୪୯ ହଜାର ୬୧୪ ଟଙ୍କା, ଏକ ଛତୁଆ ମେସିନର ମୂଲ୍ୟ ୪ ଲକ୍ଷ ୭୦ ହଜାର ଟଙ୍କା, ସୁନା ଓ ରୁପା ଅଳଙ୍କାରର ମୂଲ୍ୟ ୩ ଲକ୍ଷ ୩୪ ହଜାର ୩୫୩ ଟଙ୍କା ଦର୍ଶାଯାଇଛି। ନମିତା ଓ ତାଙ୍କ ପୁଅଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ୧୨ ଲକ୍ଷ ୭୯ ହଜାର ୭୬ ଟଙ୍କା ଜମା ରହିଛି। ଅଧିକ ତଦନ୍ତ ପରେ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସ୍ପଷ୍ଟ ହେବ ବୋଲି ଏସ୍‌ପି ଅନିଲ କୁମାର ପାତ୍ର ସୂଚନା ଦେଇଛନ୍ତି। ନମିତା ଦଳାଇ ୧୯୯୦ମସିହା ନଭେମ୍ବର ୨୭ରେ ଅଙ୍ଗନବାଡି କର୍ମୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ୨୭୫ ଟଙ୍କାରେ ତାଙ୍କର ଚାକିରୀ ଆରମ୍ଭ କରିଥିବା ବେଳେ ଏବେ ସେ କିପରି କୋଟିପତି ହେଲେ ତାହାର ତଦନ୍ତ ଭିଜିଲାନ୍ସ ଜାରି ରଖିଛି। ଏନେଇ ଭିଜିଲାନ୍ସ କେସ୍ ୨୫/୨୦୨୦ରେ ମାମଲା ରୁଜୁ ହୋଇଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୮ ଡିସେମ୍ବର - ୦୩ ଜାନୁଆରୀ, ୨୦୨୧

# ଭୟ, ଆଶଙ୍କା ଓ ଆଶା

ସମ୍ପାଦକୀୟ

ତାରକ ମହାନ୍ତି



ପୂର୍ବବର୍ଷ ଭଳି ଚଳିତବର୍ଷ ନୂଆବର୍ଷର ପ୍ରସ୍ତୁତି ନାହିଁ। ମହାମାରୀ କରୋନା ଲୋକଙ୍କ ମନରୁ ହସ ଲିଭେଇ ଦେଇଛି। ଦୀର୍ଘ ୯ ମାସରୁ ଊର୍ଦ୍ଧ୍ୱ ସମୟ ଲୋକ କେବଳ କରୋନା ଚିନ୍ତାରେ ରହିଥିଲେ। ଯଦିଓ ଲକଡାଉନ୍, ସଟଡାଉନ୍ ନାହିଁ, ତଥାପି ଜୀବନଯାତ୍ରା ଏଯାଏ ସ୍ୱାଭାବିକ ହୋଇପାରିନି। କାରଣ କରୋନା ସଂକ୍ରମଣ ଓ କରୋନା ମୃତ୍ୟୁହାର କମିଯାଇଛି, ତଥାପି ଏହାର ପ୍ରକୋପ ସମ୍ପୂର୍ଣ୍ଣ କମିନି। ଏହାରି ମଧ୍ୟରେ ପୁଣିଥରେ କରୋନାର ନୂଆ ରୂପ ଭାରତରେ ପ୍ରବେଶ କରିସାରିଛି। ବ୍ରିଟେନରେ ଏହି ନୂଆ କରୋନା ଭୂତାଣୁ ବିସ୍ତାର କରିଥିଲା ବେଳେ ଦେଶରେ ମଧ୍ୟ ଏହାକୁ ନେଇ ଚିନ୍ତା ବଢ଼ିଲାଣି। ସେଠାରୁ ଭାରତ ଫେରିଥିବା କିଛି ଭାରତୀୟଙ୍କ ଶରୀରରେ ନୂଆ କରୋନା ଭୂତାଣୁ ରହିଥିବା ନେଇ ପରୀକ୍ଷାରୁ ଜଣାପଡିଛି। ଡିସେମ୍ବରରେ ମୁମ୍ବାଇ ଓ ବେଙ୍ଗାଲୁରୁରେ ପୁଣିଥରେ ରାତ୍ରିକାଳୀନ କର୍ଫ୍ୟୁ ଆରମ୍ଭ ପରେ କରୋନାକୁ ନେଇ ଦୂର ହୋଇଥିବା ଭୟ ପୁଣିଥରେ ସଜାଗ ହେବାକୁ ବସିଲାଣି। ଯଦିଓ ନୂଆବର୍ଷରୁ କରୋନା ଟିକା ଉପଲବ୍ଧ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି, ତଥାପି ଟିକାର କାର୍ଯ୍ୟକାରିତା, ସଫଳତା ସମ୍ପର୍କରେ ଏଯାଏ କିଛି ସ୍ପଷ୍ଟ ହୋଇନାହିଁ। ତେଣୁ ପାଖାପାଖି ଗୋଟିଏ ବର୍ଷ ମହାମାରୀ ଚିନ୍ତା ଲୋକଙ୍କୁ ଘାରିଛି। ଗତ ମାର୍ଚ୍ଚ ମାସ ପରେ ଦେଶରେ ଯେତେବେଳେ ସଂକ୍ରମଣ ଆରମ୍ଭ ହୋଇଥିଲା, ଏହାର ଭୟାବହତାକୁ ନେଇ ସରକାର, ଜନସାଧାରଣ ବେଶ ଚିନ୍ତାରେ ପଡିଯାଇଥିଲେ। ସଂକ୍ରମଣ ରୋକିବାକୁ ଅନେକ ପଦକ୍ଷେପ ନିଆଯାଇଥିଲଶ। ଲୋକ ଜୀବିକା ହରାଇ ହତାଶ ହୋଇପଡିଥିଲେ। ଦେଶ-ଦେଶ, ରାଜ୍ୟ-ରାଜ୍ୟ ଭିତରେ ଗମନାଗମନ ବନ୍ଦ ରହିଥିଲା। ଗୋଟିଏ ସହରରୁ ଅନ୍ୟ ସହରକୁ ଯିବାରେ ମଧ୍ୟ ଥିଲା ପ୍ରତିବନ୍ଧକ। ସମଗ୍ର ବିଶ୍ୱ କରୋନା କବଳରେ ରହିବା ଫଳରେ ବିଶ୍ୱ ଅର୍ଥନୀତି ଉପରେ ଏହାର ଖରାପ ପ୍ରଭାବ ମଧ୍ୟ ପଡିଲା। ସେହି ଅନୁସାରେ ଭାରତରେ ମଧ୍ୟ ଅଭିବୃଦ୍ଧି ହାର ନିମ୍ନମୁଖୀ ହୋଇଗଲା। କଳ କାରଖାନା, ଦୋକାନ ବଜାର ବନ୍ଦ ରହିବା ଦ୍ୱାରାଲୋକ ଜୀବିକା ସଂକଟରେ ପଡିଯାଇଥିଲେ। ଯେତେବେଳେ ସଂକ୍ରମଣ ବଢ଼ି ଚାଲିଲା ଓ କରୋନାରେ ଅନେକ ଜୀବନ ଚାଲିଗଲା, ସେତେବେଳେ ଏଥିରୁ କିଭଳି ମୁକ୍ତି ମିଳିବ ତାହାକୁ ନେଇ ଚିନ୍ତା ବଢ଼ିଲା। ଗୋଟିଏପଟେ ସଂକ୍ରମଣ ଭୟ ଅନ୍ୟପଟେ ରୋଜଗାର ଚିନ୍ତା ଅଧିକାଂଶ ପରିବାର ପାଇଁ ଆଶଙ୍କା ସୃଷ୍ଟି କରିଥିଲା। ଭୟ ଓ ଆଶଙ୍କା ଭିତରେ ରହିଥିବା ଜୀବନ ପୁଣି ଟିକେ ଅଣ୍ଟା ସଳଖିବାକୁ ଚେଷ୍ଟା କରିବା ଭିତରେ କୋଭିଡର ନୂଆ ଭୂତାଣୁ ଡରାଇବା ଆରମ୍ଭ କରିଛି। ଯଦିଓ ଏହାର ଖରାପ ପ୍ରଭାବ ଉତ୍କଟ ରୂପ ଧାରଣ କରିନାହିଁ, ତଥାପି ନୂଆବର୍ଷର ଆଶା ମଧ୍ୟରେ ଏହା ପୁଣି ଏକ ଅଜଣା ଭୟ ଆରମ୍ଭ କରିଦେଇଛି। ଗତ ସପ୍ତାହରେ ସମ୍ବଲପୁର ଭୀମସାର କୋଭିଡ ହସ୍ପିଟାଲରେ ୮ଜଣ ମୃତ୍ୟୁବରଣ କରିଥିଲା ବେଳେ ଜଣେ ୪ ବର୍ଷର ଝିଅ କରୋନା ପଜିଟିଭ ହେବା ନୂଆ ଚିନ୍ତାର କାରଣ। ଏହାରି ମଧ୍ୟରେ ରାଜ୍ୟ ପ୍ରଶାସନର ନୂଆ କଳେବର ସାମ୍ନାକୁ ଆସିଛି। ବରିଷ୍ଠ ପ୍ରଶାସକ ମୁଖ୍ୟ ସଚିବ, ପ୍ରଦୀପ ଜେନା ଉନ୍ନୟନ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ବିଦାୟୀ ମୁଖ୍ୟ ସଚିବଙ୍କୁ ସରକାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ସହ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ରହିବେ ବୋଲି ମଧ୍ୟ ନିଷ୍ପତ୍ତି ଗ୍ରହଣ ସ୍ୱାଗତଯୋଗ୍ୟ। ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ଫୋକସରେ ଥିବା ପଶ୍ଚିମ ଓଡ଼ିଶାବାସୀ ଖୁସି ହେବା ସ୍ୱାଭାବିକ। କାରଣ ବିଜେଡି ନେତା ସୁବାସ ଚୌହାନଙ୍କ ଦେହାନ୍ତ ପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ଖାଲି ପଡିଥିଲା। ଗତ କିଛିଦିନ ହେବ ରାଜ୍ୟର ଅନେକ ଜିଲ୍ଲାରେ ଶୀତ ବଢ଼ିଛି। ଲୋକ ସକାଳୁ ଜାଡରେ ଥରୁଛନ୍ତି। ଋତୁ ଅନୁସାରେ ଚାଷ କାର୍ଯ୍ୟ ପୂର୍ବ ଭଳି ଆରମ୍ଭ ହୋଇଯାଇଛି। ମାସ୍କ ପରିଧାନ ବଢ଼ିଛି। ଲୋକ କରୋନା ପ୍ରତି ଯଥେଷ୍ଟ ସଚେତନ ହୋଇଛନ୍ତି। କରୋନା କଟକଣା ଯୋଗୁ ୨୦୨୦ ବଡଦିନ ଧୂମଧାମରେ ପାଳିତ ହୋଇପାରିନି। କରୋନା ଯେ ଏତେ ମାରାତ୍ମକ ଓ ଭୟଙ୍କର ତାହା ଲୋକଙ୍କ ଭିତରେ ଧାରଣା ରହିଛି। ନୂଆବର୍ଷକୁ କରୋନା ଟିକା ଆସିଲେ ନିସ୍ତାର ମିଳିବାର ଆଶା ଦେଖାଦେଇଛି। ଏଥିରେ ଭାରତୀୟ କୋଭାକ୍ସିନ ଉପରେ ବିଶ୍ୱର ନଜର ରହିଥିବା ଭଲ ଖବର। ଏ ନେଇ ବିଶ୍ୱର ୭୦ ରାଷ୍ଟ୍ରର ପ୍ରତିନିଧି ହାଇଦ୍ରାବାଦର ଜିନୋମ ଭ୍ୟାଲି ସ୍ଥିତ ଭାରତ ବାୟୋଟେକ ଟିକା ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଛନ୍ତି। ନୂଆ ସୂଚନା ଅନୁସାରେ ବ୍ରିଟେନରେ ବ୍ୟାପିଥିବା ନୂଆ ପ୍ରଜାତିର କରୋନା ଭୂତାଣୁ ମଧ୍ୟ ଦକ୍ଷିଣ ଆଫ୍ରିକାରେ ଚିହ୍ନଟ ହୋଇଥିବା ଜଣାପଡିଛି। ଏହି ନୂଆ ପ୍ରଜାତି କରୋନା ଭୂତାଣୁ ଅଧିକ ମାରାତ୍ମକ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। କରୋନା ମୁକାବିଲା ସହ ଦେଶର ଅର୍ଥନୀତିକୁ ବିକାଶ ଦିଗରେ ନେବା ପାଇଁ କେନ୍ଦ୍ର ସରକାର ପ୍ରଚେଷ୍ଟା ଜାରି ରଖିଥିଲା ବେଳେ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ପ୍ରସଙ୍ଗରେ କୃଷକ ଆନ୍ଦୋଳନ ଜାରି ରହିବା ଦେଶ ପାଇଁ ଶୁଭ ସଙ୍କେତ ନୁହେଁ। କାରଣ ଯେଉଁମାନଙ୍କ ପରିଶ୍ରମ ପାଇଁ ଖାଦ୍ୟ ସଙ୍କଟ ଦୂର ହୋଇପାରୁଛି ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଦରକାର। ନଚେତ କୃଷି ହୁଡିଲେ ଏହାର କୁପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡିବ। ପରିସ୍ଥିତିର ଗମ୍ଭୀରତାକୁ ଲକ୍ଷ୍ୟ କରି କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନନେଲେ ଏହାର ପ୍ରଭାବ ଶାସନ ଓ ପ୍ରଶାସନ ଉପରେ ପଡିପାରେ। କାରଣ ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ହେବ ଚାଷୀମାନେ ନିଜର ହକ୍ ପାଇଁ ଯେଭଳି ରାଜରାସ୍ତାରେ ବସିଛନ୍ତି ତାହା ନିଶ୍ଚିତ ଚିନ୍ତାଜନକ। ଏମ୍‌ଏସ୍‌ପିକୁ ସୁନିଶ୍ଚିତ କରିବା ଦାବି ନେଇ ଦେଶର ୪୦ଟି ଚାଷୀ ସଂଗଠନ ଯେଉଁ ଆନ୍ଦୋଳନ ଚଳାଇଛନ୍ତି ତାହାର ପୂର୍ଣ୍ଣଚ୍ଛେଦ ପଡିବା ଉଚିତ। ଅନ୍ୟପକ୍ଷରେ ରାଜ୍ୟରେ ନୟାଗଡର କୁନିଝିଅ ପରୀ ହତ୍ୟାକାଣ୍ଡକୁ ନେଇ ବିରୋଧୀ ରାଜନୈତିକ ଦଳମାନେ ରାଜ୍ୟ ସରକାରଙ୍କୁ ଯେଭଳି ଘେରିଛନ୍ତି ତାହା ମଧ୍ୟ ଚିନ୍ତାର ବିଷୟ। କାରଣ ପରୀ ମାମଲାକୁ ନେଇ ରାଜ୍ୟ ସରକାର ଏସ୍‌ଆଇଟି ଗଠନ କରିଥିଲେ ବି ଏହାର ତଦନ୍ତ ଧାରା ପ୍ରତି ବିରୋଧୀମାନେ ପ୍ରଶ୍ନ ଉଠାଇଛନ୍ତି। ଦୁଷ୍କର୍ମ ଉଦ୍ଦେଶ୍ୟରେ ପରୀକୁ ହତ୍ୟା କରାଯାଇଥିବାର ଏସ୍‌ଆଇଟି ଦର୍ଶାଇଥିବା ବେଳେ ପରୀର ମା-ବାପା କିନ୍ତୁ ଏହି କଥାକୁ ଅସ୍ୱୀକାର କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଅଙ୍ଗତସ୍କରୀ ହିଁ ପରୀ ହତ୍ୟାର ମୂଳକାରଣ। ଏଭଳି ପରିସ୍ଥିତିରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମା'ମାନେ ସମାଜର ଚକ ଓ ଅଖ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିରୋଧୀ ଦଳଙ୍କୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହିଳାଙ୍କ ବିନା 'ପ୍ରଗତି ରଥ' ଆଦୌ ଗଡିପାରିବ ନାହିଁ। ତେଣୁ ଜାତୀୟ ସ୍ତରରେ ମହିଳାଙ୍କ ହକ୍ ପାଇଁ ଲଢ଼ିବ ବିଜୁ ଜନତା ଦଳ। ଏହାରି ମଧ୍ୟରେ ଜାମ୍ମୁ-କାଶ୍ମୀରରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତେଣୁ ୨୦୨୦ ମସିହା ଦେଶବାସୀଙ୍କ ପାଇଁ ଅନେକ ଦୁଃଖ,କଷ୍ଟ ଦେଇଯାଇଛି। ତେଣୁ ନୂତନ ବର୍ଷ-୨୦୨୧ ସମସ୍ତଙ୍କ ପାଇଁ ଖୁସିଖବର ଆଣିବ ବୋଲି ଲୋକ ଆଶା ବାନ୍ଧି ବସିଛନ୍ତି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି, ଆଗାମୀ ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ରିଅଲିଟି ସୋ' ବନାମ ରିଅଲିଟି



ଡଃ. ମୌସୁମୀ ପରିଡା

ଆଜିକାଲି ଟି.ଭି ଜଗତରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ରିଅଲିଟି ସୋ'ର ଅଧିକ ଚାହିଦା। କାରଣ ମଣିଷ ବାସ୍ତବତାକୁ ଅଧିକ ପସନ୍ଦ କରେ କାଳ୍ପନିକତା ଅପେକ୍ଷା। ପରସ୍ପର ଭିତରର ଝଗଡା, ଗଣ୍ଡଗୋଳ ଆମକୁ ଅଧିକ ମନୋରଂଜନର ଖୋରାକ୍ ଯୋଗାଏ। ଏସବୁ ଆମ ଅବଚେତନ ମନର ମନନଶୀଳତାକୁ ନେଇ। କିଛି ଅସନ୍ତୋଷ ବା ନୈରାଶ୍ୟ ଏସବୁକୁ ଦେଖିବାକୁ ପ୍ରେରିତ କରିଥାଏ। ଆମ ଭିତରର ଲଢୁଆ ମଣିଷଟି ସବୁବେଳେ ଜିତିବାମନସ୍କ ହେବାକୁ ଭଲପାଏ। ସେ ସଉକ ମେଂଟାଇବା ପାଇଁ ସେ ଖେଳେ କିମ୍ବା ଖେଳ ଦେଖିବାକୁ ଭଲପାଏ। ତଦ୍‌ଜନିତ ଜୟ, ପରାଜୟରେ ଖୁସି ବା ଦୁଃଖିତ ହୁଏ। ନିଜ ଆତ୍ମବିଶ୍ୱାସକୁ ଗଢେ କିମ୍ବା ଭାଂଗେ।

ସେଥିପାଇଁ ଅନେକ ସମୟରେ ଆମେ ଶୁଣିବାକୁ ପାଉ ଯେ ଭାରତ ପାକିସ୍ଥାନ କ୍ରିକେଟ୍ ଖେଳରେ ଭାରତ ହାରିଗଲା ବୋଲି ଅମୁକ ଲୋକଟି ଆତ୍ମହତ୍ୟା କରିଦେଲା ! ଏସବୁ ହୁଏ ଆମ ଭିତରର ଆବେଗପ୍ରବଣତା ପାଇଁ। ଆମେ ସବୁବେଳେ ଲଢିବାକୁ ଭଲପାଉ ଲକ୍ଷ୍ୟ ବା ଅଲକ୍ଷ୍ୟରେ। ସେ ଖେଳ ହେଉ ବା ବାସ୍ତବିକ। ଜୟ ପରାଜୟକୁ ନେଇ ଆମ ଆଈ ମା' ଗପ ମଧ୍ୟ ରଚିତ। ଆମ ଭିତରର ସେ ଯୁଦ୍ଧଖୋର ମଣିଷମାନଙ୍କ ପାଇଁ ଟି.ଭି ଚ୍ୟାନେଲ୍‌ଗୁଡିକର ରିଅଲିଟି ସୋ'। ଯାହା ମାଧ୍ୟମରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଆମେ ଜଣକୁ ସମର୍ଥନ କରି ତା' ମାଧ୍ୟମରେ ନିଜେ ଲଢୁ ଓ ତାକୁ ଜିତେଇବା ଲକ୍ଷ୍ୟରେ ତର୍କ କରୁ। ସେଥିପାଇଁ କଳ୍ପନାପ୍ରସୂତ କଥାବସ୍ତୁ ଅପେକ୍ଷା ବାସ୍ତବତାକୁ ବେଶି ଗୁରୁତ୍ୱ ଦିଅନ୍ତି ସେହିଭଳି ଲୋକେ। ଅବଶ୍ୟ ରିଅଲିଟି ସୋ'ରେ ସବୁକିଛି ପୂର୍ବ ନିର୍ଦ୍ଧାରିତ ବୋଲି ଦାବୀ ହୁଏ। ସତ୍ୟାସତ୍ୟ ଜାଣି ମଧ୍ୟ ଆମ ଭିତରେ ସେସବୁ ଦେଖିବାକୁ ପ୍ରବଳ ଆଗ୍ରହ ଜନ୍ମେ। ଏଥିରେ କାମ କରୁଥିବା ପ୍ରତିଯୋଗୀମାନେ ଚ୍ୟାନେଲ୍‌ଠାରୁ ଭଲ ରକମର ଅର୍ଥ ଆଦାୟ କରନ୍ତି। ଛୋଟ ବା ବଡ ପରଦାର ଅଭିନେତା, ଅଭିନେତ୍ରୀ, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା କଳାକାର, ସମାଜସେବୀ, ରାଜନେତାଠୁ ଆରମ୍ଭ କରି କିଛି ବିବାଦୀୟ ଓ ସାଧାରଣ ଜନତାଙ୍କୁ ସୋ'ରେ ସାମିଲ୍ କରି ଚ୍ୟାନେଲ୍‌ବାଲା ସଂପୃକ୍ତ ସେଲିବ୍ରିଟିଙ୍କଠାରୁ ଜୋର୍ ଜବରଦସ୍ତ ମସଲା ଆଦାୟ କରିବାକୁ ଲାଗିପଡନ୍ତି। ଭୋଟ୍ ମାଧ୍ୟମରେ ହାର୍ ଜିତ୍ ନିର୍ଦ୍ଧାରିତ ହୁଏ। ଦର୍ଶକମାନେ ଭୋଟ୍ ଦିଅନ୍ତି ମନପସନ୍ଦର ପ୍ରତିଯୋଗୀଙ୍କୁ। ଅନେକ ସମୟରେ ପ୍ରତିଯୋଗୀଙ୍କ ଏକାନ୍ତ ମୁହୂର୍ତ୍ତଗୁଡିକୁ ମଧ୍ୟ ଅଧିକ ଟି. ଆର. ପି ( ଟେଲିଭିଜନ୍ ରେଟିଂ ପଏଂଟ ) ଯୋଗାଡ କରିବା ପାଇଁ ଦୃଶ୍ୟରେ ସମ୍ମିଳିତ କରାଯାଇଥାଏ। ତା' ସହ କଳିଗୋଳ, ହାତାହାତି, ବାଦବିବାଦ ସହ ଅଭାଷା ପ୍ରୟୋଗ ଯାଏଁ ମଧ୍ୟ କଥା ଯାଏ। ଦର୍ଶକ ଏସବୁରୁ ଭରପୂର୍ ଆନନ୍ଦ ଉଠାନ୍ତି। ବଢିଚଢି ଭୋଟ୍ ଦେଇ ନିଜ ପସନ୍ଦର ପ୍ରତିଯୋଗୀଙ୍କୁ ଜିତାଇବାକୁ ଇଂଟରନେଟ୍ ମାଧ୍ୟମରେ ସଂଗ୍ରାମ ଜାରି ରଖନ୍ତି। ପ୍ରତିଯୋଗୀଙ୍କ ପ୍ରଶଂସକମାନଙ୍କ ଭିତରେ ବି ତର୍କ ବିତର୍କ ଆରମ୍ଭ ହୁଏ। ନିଜ ପସନ୍ଦର ପ୍ରତିଯୋଗୀଙ୍କୁ ଜିତେଇବାକୁ ଦର୍ଶକମାନଙ୍କ ଭିତରେ ଏକରକମ ପ୍ରତିଯୋଗିତା ଅନୁଷ୍ଠିତ ହୁଏ। ସୋ'ରେ ସାମିଲ୍ ଖେଳ ସଂପର୍କିତ ନିର୍ଦ୍ଧାରିତ କାର୍ଯ୍ୟ ମାଧ୍ୟମରେ ପ୍ରତିଯୋଗୀମାନଙ୍କୁ କ୍ଷତାକ୍ତ ହେବାକୁ ପଡେ। ଛୋଟପିଲାଙ୍କ ପରି ସେମାନେ ଝଗଡା ବା ଗାଳିଗୁଲଜ କରୁଥିବାର ଦେଖାଯାଏ। ଭୁଲ୍ କରୁଥିବା ବା ଦିଶୁଥିବା ବ୍ୟକ୍ତିଜଣକ ନିଜକୁ ଠିକ୍ ପ୍ରମାଣିତ କରିବାକୁ ଯେକୌଣସି ସ୍ଥିତିକୁ ଯାଇପାରେ। ଅନ୍ୟକୁ ଅପମାନିତ କରିବା, କୌଣସି ବ୍ୟକ୍ତିବିଶେଷ ଠିକ୍ ଥିଲେ ମଧ୍ୟ ତାଙ୍କୁ ଭୁଲ୍ ବୋଲି ଚିତ୍ରିତ କରିବା, ହିଂସ୍ର ହେବାକୁ ପ୍ରବର୍ତ୍ତାଇବା, ଗୋଷ୍ଠୀବଦ୍ଧ ହୋଇ ଅଳ୍ପମତଧାରୀ ଲୋକଙ୍କୁ ଆକ୍ରମଣ କରିବା, ଚକ୍ରବ୍ୟୁହ ରଚି ଅନ୍ୟକୁ ବିଦା କରିବା ସହିତ ସୋ'ରେ ତିଷ୍ଠିରହିବାକୁ ଯେକୌଣସି ପଇଁତରା ଆପଣେଇବା ଓ ଏସବୁ ମସଲାଦାର ଦୃଶ୍ୟ ଦ୍ୱାରା ସୋ'କୁ ଲୋକପ୍ରିୟତାର ଶୀର୍ଷରେ ପହଂଚାଇବା ଚ୍ୟାନେଲ୍‌ର ଲକ୍ଷ୍ୟ। ଏମିତିକି ଏକାନ୍ତ ବ୍ୟକ୍ତିଗତ କଥାକୁ ଏଠି ଦର୍ଶାଯାଏ, କାରଣ ଅନ୍ୟର ଗୁପ୍ତକଥା ଜାଣିବାକୁ ଲୋକମାନଙ୍କ ମନରେ ପ୍ରବଳ ଉତ୍କଣ୍ଠା। ମୋଟାମୋଟି ଭାବେ କହିବାକୁ ଗଲେ ଟି.ଭି ଚ୍ୟାନେଲ୍ ପ୍ରତିଯୋଗୀଙ୍କୁ ବାଧ୍ୟ କରନ୍ତି ଏସବୁ ମସଲାଦାର ଦୃଶ୍ୟରେ ନିଜକୁ ସାମିଲ୍ କରିବାକୁ। ଅର୍ଥଲୋଭରେ ସେମାନେ ବି ନିଜ ବିବେକ ଓ ବ୍ୟକ୍ତିତ୍ୱକୁ ବାଜି ଲଗେଇଦିଅନ୍ତି। ସହାନୁଭୂତି ପାଇବା ପାଇଁ ଯେକୌଣସି ସ୍ତରକୁ ଯାଇପାରନ୍ତି। ସୋ'ର ଯିଏ ଯେତେ ବେଶି ଶାନ୍ତ, ସେ ସେତେ ବେଶି ଅଯୋଗ୍ୟ। ତାକୁ ମଧ୍ୟ ଯଥା ବା ଅଯଥାରେ ହୋ' ହଲ୍ଲା କରିବାକୁ ହୁଏ। ଅନ୍ୟ କଥାରେ ମୁଣ୍ଡ ଖେଳେଇ ଅନ୍ୟକୁ ହୀନ ଦର୍ଶାଇ ଅହଙ୍କାରର ଚରମ ସୀମାକୁ ଟପିବାକୁ ହୁଏ।

ସବୁଠୁ ମଜାର କଥା ଏହିସବୁ ଘଟଣାକୁ ଆମ ଦର୍ଶକ ବେଶି ଭଲପା'ନ୍ତି। ସେମାନଙ୍କ ଝଗଡାକୁ ସମର୍ଥନ ବା ଭୁଲ୍ ଦର୍ଶାଇ ନିଜ ନିଜ ଭିତରେ ଯୁକ୍ତି ତର୍କ ଆରଂଭ କରିଦିଅନ୍ତି। ରାଜନୀତି, କୁଟନୀତି ସବୁଠି ସବୁ ଯାଗାରେ। ଲାଗେ ଆମେ ବି ପ୍ରକୃତରେ ସେଭଳି ରିଏଲିଟି ସୋ'ର ଅଂଶ ବିଶେଷ। ଅନ୍ୟକୁ ଆଘାତ କରି ଆଗକୁ ବଢିବାକୁ ଚାହୁଁ। ଅନ୍ୟର ଗୋଡ ଟାଣି ତାକୁ ପଛକୁ ଠେଲି ଆତ୍ମତୃପ୍ତି ଅନୁଭବ କରୁ। କିନ୍ତୁ ନିଜ ଦମ୍‌ରେ ଆଗକୁ ବଢିବାର କ୍ଷମତା ନଥାଏ ଆମେ ପାଖେ। ନିଜ ପାରିବାପଣକୁ ବୃଦ୍ଧି ନକରିପାରିବାର ହୀନମନ୍ୟତାରେ ଅନ୍ୟକୁ ହତାହତ କରୁ। ବଂଚିବାକୁ ଅସରନ୍ତି ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡେ। ସେସବୁ ପାଇଁ ନିଜକୁ ପ୍ରସ୍ତୁତ ନକରି, ନିଜର ଦକ୍ଷତା ନବଢାଇ ଅନ୍ୟକୁ ପଛକୁ ଠେଲି ଆଗକୁ ଯିବାର ଚକ୍ରାନ୍ତ ରଚି ଆମେ ନିଜକୁ ଶକ୍ତିଶାଳୀ ଭାବୁଛୁ ! ଆମ ଭିତରେ ହିଂସାତ୍ମକ ପ୍ରବୃତିମାନ ଅଳ୍ପ ବହୁତେ ଲୁକ୍କାୟିତ ଅବସ୍ଥାରେ ଥା'ନ୍ତି। କାହା ଭିତରେ ଅଧିକ ଥାଏ ତ କାହା ପାଖରେ କମ୍। ସମୟ ଅସମୟରେ ସେସବୁ ଜାଗ୍ରତ ହୋଇ ଆମ ବ୍ୟକ୍ତିତ୍ୱକୁ ଦର୍ଶାନ୍ତି। ଏସବୁ ମଧ୍ୟ ପରୋକ୍ଷରେ ଆମ ଭିତରର ନୃଶଂସତାକୁ ଉସ୍କାନ୍ତି। ଯେଉଁଥିପାଇଁ ଆମେ ପ୍ରତିରୋଧ କରିବା ଯାଗାରେ ଉପଭୋଗ କରୁ କିଛି ଅଘଟଣକୁ। ଦେଶବିଦେଶରେ ସଂସ୍କୃତି, ପରମ୍ପରା ନାଁରେ କିଛି ହିଂସାତ୍ମକ ଘଟଣା ପରିଲକ୍ଷିତ ସଂଘଟିତ ହୁଏ। ସ୍ପେନ୍‌ର ଷଣ୍ଢ ଲଢେଇଠୁ ଆରମ୍ଭ କରି ଆମ ଦେଶର ଗାଁଗହଳିରେ ଗଂଜା ଲଢେଇ ପର୍ଯ୍ୟନ୍ତ ସବୁଠି ବର୍ବରତା ପ୍ରତିଫଳିତ। ତେବେ ବି ବହୁ ସଂଖ୍ୟକ ଦେଖଣାହାରୀ ଏଥିରେ ଯୋଗ ଦେଇ ମନୋରଂଜନ କରନ୍ତି। ହାର୍ ଜିତ୍‌ର ମୁକାବିଲା ପାଇଁ ଚାଲାକ୍ ମଣିଷ, ପଶୁପକ୍ଷୀଙ୍କ ଭିତରେ ଯୁଦ୍ଧ କରାଇ ମାନସିକ ଶାନ୍ତି ପାଏ। ନିଜ ମନର ସଂଗୁପ୍ତ ଅଭିଳାଷକୁ ସେମାନଙ୍କ ଜରିଆରେ ପରିତୃପ୍ତ କରାଏ। ମଣିଷ ମନର ଭେଦ ସେ ନିଜେ ବି ପାଏନା। ସେ ନିଜେ ବି ଜାଣେନା ତା' ଭିତରେ ନୃଶଂସତା କେତେ ପରିମାଣରେ ଲୁଚିରହିଥାଏ।

ଇତିହାସ କହେ ରାଜଗାଦି ଦଖଲ କରିବାକୁ ଭାଇ ଭାଇ ମଧ୍ୟରେ ରକ୍ତପାତ ହେଉଥିଲା। ସିଂହାସନ ପାଇଁ ଷଡଯନ୍ତ୍ର କରି ଖାଦ୍ୟରେ ବିଷ ମିଶାଯାଉଥିଲା। କ୍ଷମତା ମଣିଷକୁ ଉଗ୍ର ଓ ନୃଶଂସ କରିପାରେ। ମଣିଷ କ୍ଷମତାସୀନ ହୋଇ ମାନବିକତା ଭୁଲେ, ଅହଙ୍କାରର ବଶବର୍ତ୍ତୀ ହୋଇ ଅନ୍ୟ ଉପରେ ରାଜୁତି କରିବାର ଲାଳସାକୁ ତୃପ୍ତ କରେ। ଠିକ୍ ଭୁଲ୍ ବିଚାର କରିପାରିବାର ଶକ୍ତି ତା'ଠାରେ ରହେନା। କେବେକେବେ ରାସ୍ତାରେ ଲୋକମାନେ ରୁଣ୍ଡ ହୋଇ ଦୁଇପକ୍ଷର ମାଡଗୋଳ ଦେଖି ମନୋରଞ୍ଜନ କରୁଥା'ନ୍ତି ଅଥଚ ସେମାନଙ୍କୁ ସେଥିରୁ ନିବୃତାଇପାରନ୍ତିନି। ଏପରି ମାନସିକତାର ଲୋକେ ରିଅଲିଟି ସୋ' ମାଧ୍ୟମରେ ସେସବୁକୁ ଉପଭୋଗ କରିବେନି ତ ଆଉ କଣ କରିବେ ! ଆମ ଦେଶରେ ମନୋରଞ୍ଜନଧର୍ମୀ ଲୋକେ ବେଶି। ସେମାନେ ଅଳ୍ପ କାମ କରି କ୍ଳାନ୍ତ ହୋଇପଡନ୍ତି। କିନ୍ତୁ ପରଚର୍ଚ୍ଚା କରି ବେଶ୍ ଆତ୍ମତୃପ୍ତି ପା'ନ୍ତି। ନିଜ ଘରର ଭଲମନ୍ଦ ଅପେକ୍ଷା ଅନ୍ୟ ଘରର ଗୁମର ଜଣାଥାଏ ସେମାନଙ୍କୁ। ସେଥିପାଇଁ ଆମ ମନୋବୃତି ତୃଣମୂଳ ସ୍ତରରେ, ଆଗକୁ ବଢିପାରେନା। ପରତାପର ବିଷୟ ଲୋକେ ବାସ୍ତବ ସମସ୍ୟା ଭୁଲି ନିଜ ମୂଲ୍ୟବାନ୍ ସମୟର ଅପବ୍ୟବହାର କରିବାକୁ ଭଲପା'ନ୍ତି। ଯେଉଁ ଦେଶରେ ଅସରନ୍ତି ପ୍ରକାରର ରାଜନୀତିକ, ସାମାଜିକ ଓ ପାରିବାରିକ ସମସ୍ୟା ମୁଣ୍ଡ ଟେକେ, ଆର୍ଥନୀତିକ ସ୍ଥିତି ଦୁର୍ବଳ ହୋଇପଡେ ସେଠାରେ ଆମେମାନେ ମନୋରଂଜନ କରୁ ରିଅଲିଟି ସୋ' ମାଧ୍ୟମରେ, ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରି। ରାସ୍ତାଘାଟରେ ନାରୀକୁ ଅପମାନିତ କଲାବେଳେ ପ୍ରତିରୋଧ ନକରି ଅଦୂରରୁ ବାଟ ଭାଙ୍ଗି ଚାଲିଯାଉ। ପରଘର ନିଆଁରେ ନିଜ ଘରର ରୁଟି ସେକୁ। ଏସବୁ ଉପଭୋଗ କରିବା ସହ ଅନ୍ୟଆଗେ ଆଲୋଚନା କରି ଗଡ ଜିତୁ। ଅଥଚ ଆମ ଦୃଷ୍ଟି ଯାଏନି ନିଜ ଭିତରର ଅଭାବ ପରଖିବାକୁ। ଏଠାରେ ବିଭିନ୍ନ ସମସ୍ୟା ସହିତ ବୃଦ୍ଧି ପାଉଥିବା ବେରୋଜଗାରୀ ବିଶେଷଜ୍ଞମାନଙ୍କ ଆଖିର ନିଦ ହଜେଇ ଦେଇଥିବାବେଳେ, ମହାମାରୀରେ ସାରା ପୃଥିବୀ ଆକ୍ରାନ୍ତ ହୋଇ ଅସହାୟ ହୋଇପଡିଥିବାବେଳେ ଅନ୍ୟର କଳିଗୋଳ ଦେଖି ମନ ଖୁସି କରିବା ଅଜବ ଲାଗେ। ଶହେ କୋଡିଏ କୋଟିରୁ ଉର୍ଦ୍ଧ୍ୱ ଜନବସତି ଥିବା ଦେଶରେ ବିଭିନ୍ନ ମତ ଆସେ ବିଭିନ୍ନ ଗୋଷ୍ଠୀରୁ। କେବେ କେବେ ଧଳା ପାରାକୁ ସାମ୍ନାରେ ରଖି ପ୍ରମାଣିତ କରାଯାଏ ଯେ ସେ ଧଳା କାଉ ବୋଲି ! ଯାହା ଆମ ଜନସାଧାରଣ ବିଶ୍ୱାସ ମଧ୍ୟ କରିଯା'ନ୍ତି। ଭୋଟ୍ ପାଇଁ ନୋଟ୍ ସରେ। ମୁଣ୍ଡ ଓ ତୁଣ୍ଡ ବିକ୍ରୀ ହୋଇଯାଏ ମାତ୍ର କେଇହଜାର ନୋଟ୍‌ରେ। ଏଠି ଜନସାଧାରଣ ସବୁ ବୁଝି ମଧ୍ୟ ଅନ୍ଧକାର ଭିତରେ। ଲୋକମାନଙ୍କ ମାନସିକତା କ୍ଷଣିକ ଭିତରେ ବଦଳିଯାଏ। ଅଧିକାଂଶ ଲୋକ ଦେଶ ଦୁନିଆର ଖବର ଜାଣନ୍ତିନି କିମ୍ବା ଜାଣିବାକୁ ଚେଷ୍ଟା କରନ୍ତିନି। ଏମିତିକି ପାଖ ଗାଁ ଗଣ୍ଡା କିମ୍ବା ଜିଲ୍ଲା ଖବର ଏମାନଙ୍କ ପାଖେ ନଥାଏ। ସେମାନେ ପ୍ରତାରିତ ହୁଅନ୍ତି କିଛି ଚତୁରଙ୍କ ଦ୍ୱାରା। ସବୁଜାଣି ସୁଦ୍ଧା ସେମାନଙ୍କ ଉପରେ କୌଣସି ପ୍ରଭାବ ପଡେନି। ସେମାନଙ୍କ ଆଗ୍ରହ ନଥାଏ କିଛି ଜାଣିବାକୁ କାରଣ ଏମାନଙ୍କ ମନ ହିଁ କାଳେ କାଳେ ଦରିଦ୍ରତାରେ ପୀଡିତ। କିଛି ଚତୁରମାନେ ଲୋକମତକୁ ହେର୍ ଫେର୍ କରି ବାହାଦୁରୀ ନିଅନ୍ତି। ନିଜ ଅନୁସାରେ ବ୍ୟୁହ ରଚନ୍ତି। ଦେଶ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ଥିଲାବେଳେ, କୋଟିକୋଟି ଲୋକ ଅଭାବରେ କାଳାତିପାତ କରୁଥିବାବେଳେ ଆମେ ରିଅଲିଟି ସୋ'ର ପ୍ରତିଯୋଗୀଙ୍କ ପରି ପରସ୍ପରର କଳିରେ ମଜ୍ଜି ରହୁଚେ। ଅନ୍ୟକୁ ପଛକୁ ଟାଣି, ତା'ର ବ୍ୟକ୍ତିତ୍ୱକୁ ଧରାଶାୟୀ କରି ଆଗକୁ ବଢିବାକୁ ଚେଷ୍ଟା କରୁଛେ। ଆଗକୁ ବଢିବାର ଉତ୍କଣ୍ଠାରେ ଏତେ ଅନ୍ଧ ଯେ ଠିକ୍ ଭୁଲ୍‌ର ବିଚାର କରିବାକୁ ଆମେ ଅକ୍ଷମ। ଜିତିବାଟା ଯେପରି ଆମର ଏକମାତ୍ର ଲକ୍ଷ୍ୟ। ମହାଭାରତ ଯୁଦ୍ଧ ପରି ଏଠି ଅହରହ ଅସମାପ୍ତ ଯୁଦ୍ଧ। ଅଧିକାରର ଯୁଦ୍ଧ ହେଉ ବା ପାପ ପୂଣ୍ୟର, ଅନେକ ଅନାବଶ୍ୟକ ଯୁଦ୍ଧ ଲଢି ଲଢି ଆମେ ଯୁଦ୍ଧଖୋର୍ ପାଲଟିଯାଇଛୁ !

mousumi.mama7@gmail.com

# ସ୍ମୃତି ବିସ୍ମୃତିରେ ୨୦୨୦ର ଆଇନ ଅଦାଲତ



ଯୁଧିଷ୍ଠିର ମହାରଣା

ଓକିଲ-ମହକିଲ, ବାଦୀ-ପ୍ରତିବାଦୀ ଭିଡ଼ ନଥିଲା; ନଥିଲା ବିଚାରପତିଙ୍କ ସାମ୍ନାରେ ସିଧାସଳଖ ଯୁକ୍ତି ଉପସ୍ଥାପନର ସୁଯୋଗ। ଗହଳଚହଳରେ ଫାଟି ପଡୁନଥିଲା କୋର୍ଟ ପରିସର। ବର୍ଷ ତମାମ ହଜାର ହଜାର ଆଇନଜୀବୀ, ବିଚାର ବିଭାଗୀୟ କର୍ମଚାରୀ, ଆବେଦନକାରୀଙ୍କ ଭିଡ଼ରେ କମ୍ପୁଥିବା ହାଇକୋର୍ଟ ଅଞ୍ଚଳ ଥିଲା ଶୂନଶାନ। ଯାହା କେବେ ହୋଇନଥିଲା ତାହା ହୋଇଥିଲା ଏଥର। ଗ୍ରୀଷ୍ମ ଅବକାଶରେ ବି ଚାଲିଥିଲା ମାମଲାର ଶୁଣାଣି। ରବିବାର ବି ଚାଲିଥିଲା କୋର୍ଟ। ଦୂରଦୂରାନ୍ତରୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଓକିଲ ଉପସ୍ଥାପନ କରୁଥିଲେ ଯୁକ୍ତି। କଟକଣା ଭିତରେ ରୁଜୁ ହେଉଥିଲା ମାମଲା। ସତର୍କତା ଓ ସଚେତନତା ଭିତେର ଚାଲିଥିଲା ଅଦାଲତଙ୍କ ଅଫିସ୍, ରେଜିଷ୍ଟ୍ରି। ବର୍ଷ ବର୍ଷ ଧରି ଚଳି ଆସୁଥିବା ପରମ୍ପରା, ବ୍ୟବସ୍ଥା ଭାଙ୍ଗୁଥିଲା ଗୋଟିଏ ପରେ ଗୋଟିଏ। କରୋନା ବଦଳାଇ ଦେଇଥିଲା ଅଦାଲତର ଚିତ୍ର ଓ ବ୍ୟବସ୍ଥା।

ଚଳିତବର୍ଷ କରୋନା କେବଳ ସାଧାରଣ ଜୀବନକୁ ବଦଳାଇ ଦେଇନଥିଲା ଆଇନର ବ୍ୟବସ୍ଥାକୁ ପରିଚାଳନା କରୁଥିବା, ଆଇନର ଶାସନ ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶନାମା ଜାରି କରୁଥିବା ଅଦାଲତଙ୍କୁ ବି କରୋନା ତା ହିସାବରେ ଚାଲିବାକୁ ବାଧ୍ୟ କରିଥିଲା। କରୋନାକୁ ନେଇ ଓ କରୋନା ପରିସ୍ଥିତି ସହ ସାଲିସ୍ କରି ଅଦାଲତଙ୍କୁ କାର୍ଯ୍ୟ କରିବାକୁ ପଡ଼ିଥିଲା। ଅନେକ ନୂଆ କଥା କୋର୍ଟରେ ଦେଖିବାକୁ ମିଳିଥିଲା ୨୦୨୦ରେ। ଅନେକ ଜିନିଷ ପ୍ରଥମ ଥର ପାଇଁ ଲାଗୁ ମଧ୍ୟ ହୋଇଥିଲା। କରୋନା ସଂକ୍ରମଣ ଆରମ୍ଭ ହୋଇଯିବା ପରେ ପ୍ରଥମେ ବୟସ୍କ ତଥା ଅସୁସ୍ଥ ଆଇନଜୀବୀଙ୍କୁ କୋର୍ଟକୁ ଆସିବାକୁ ବାରଣ କରାଯାଇଥିଲା। କିନ୍ତୁ କରୋନା ସଂକ୍ରମଣ ବୃଦ୍ଧି ପାଇବା ପରେ ପୁରା କୋର୍ଟକୁ ବନ୍ଦ କରାଯାଇ ପ୍ରଥମ ଥର ଲାଗି ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଏହି ବ୍ୟବସ୍ଥା ଥିଲା ହାଇକୋର୍ଟ ପାଇଁ ପ୍ରଥମ। ହାଇକୋର୍ଟରେ ମାମଲା ହ୍ୱାଟସ୍ ଅପ୍ ଜରିଆରେ ରୁଜୁ କରାଯାଇ ପାରିବ ବୋଲି ନିଆରା ବ୍ୟବସ୍ଥା ଲାଗୁ କରାଯାଇଥିଲା। ପୁଣି ପିଟିସନ କପି ଡ୍ରପ୍ ବକ୍ସରେ ମଧ୍ୟ ପକାଯିବାର ବ୍ୟବସ୍ଥା ହୋଇଥିଲା। ଅର୍ଡ଼ର କପି ପାଇଁ ଲିଟିଗାଣ୍ଟମାନଙ୍କୁ କୋର୍ଟକୁ ନ ଆସି ଇଣ୍ଟରନେଟରୁ ଅପ୍‌ଲୋଡ଼ୁ କରି ସେମାନଙ୍କ କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବେ ବୋଲି ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ଗୋଟିଏ ମାସ ଧରି ଖରାଦିନେ ଗ୍ରୀଷ୍ମ ଅବକାଶ ପାଇଁ ବନ୍ଦ ରହୁଥିବା ହାଇକୋର୍ଟ ପକ୍ଷରୁ ପ୍ରଥମଥର ଲାଗି ବାତିଲ କରାଯାଇଥିଲା। କରୋନାର ସଂକ୍ରମଣ ଭୟ ଥିଲା ସତ ହେଲେ ନ୍ୟାୟର ଦ୍ୱାର ବନ୍ଦ ହୋଇନଥିଲା। ଯାବତୀୟ କଟକଣା ଭିତରେ ବି ନ୍ୟାୟ ବ୍ୟବସ୍ଥା କାର୍ଯ୍ୟକ୍ଷମ ରହିଥିଲା ବର୍ଷ ତମାମ୍। କରୋନାର କଟକଣା ଭିତରେ ପାଖାପାଖି ୨୦୨୦ ବିତିବାକୁ ବସିଥିବାବେଳେ ସେ ସଂପର୍କରେ ଏକ ସଂକ୍ଷିପ୍ତ ଝଲକ।

**ଗୁରୁତ୍ୱପୂର୍ଣ୍ଣ ରାୟ ଓ ମନ୍ତବ୍ୟ :** ଚଳିତ ବର୍ଷ ହାଇକୋର୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଓ ମନ୍ତବ୍ୟ ବିଚାରବିଭାଗୀୟ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛି। ଏହିସବୁ ରାୟ ଭବିଷ୍ୟତରେ ବିଚାର ବ୍ୟବସ୍ଥାକୁ ନୂଆ ଦିଗ ନିର୍ଦ୍ଦେଶ କରିବାର କ୍ଷମତା ରଖେ। ଜାମିନ୍ ମାମଲାରେ ପୀଡ଼ିତାଙ୍କୁ ପକ୍ଷ କରିବା ହେଉ କିମ୍ବା ସ୍ୱେଚ୍ଛାରେ ଶାରୀରିକ ସମ୍ପର୍କ ବଳାତ୍କାର ନୁହେଁ ବୋଲି ରାୟ ଦେଇ ହାଇକୋର୍ଟ ଏଭଳି ଘଟଣାକ୍ରମରେ ଏକ ନୂଆମୋଡ଼ ଦେଇଛନ୍ତି। ହାଇକୋର୍ଟଙ୍କ ସେହିଭଳି କିଛି ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟରୁ କେତୋଟି।

ସ୍ୱେଚ୍ଛାରେ ଶାରୀରିକ ସମ୍ପର୍କ ବଳାତ୍କାର ନୁହେଁ। ଜନସ୍ୱାର୍ଥ ମାମଲା, ପ୍ରଚାର ସର୍ବସ୍ୱ କିମ୍ବା ବ୍ୟକ୍ତି ସ୍ୱାର୍ଥ ମାମଲା ନହେଉ। କ୍ୟାପିଟାଲ ଲେଟରରେ ପ୍ରେସ୍‌କ୍ରିପ୍‌ସନ ଲେଖିବେ ଡାକ୍ତର। ନାବାଳିକା ବଳାତ୍କାରୀ ଅଭିଯୁକ୍ତଙ୍କ ଜାମିନ ମାମଲାରେ ପକ୍ଷ ହେବେ ପୀଡ଼ିତା। ଖଣି ମାମଲାରେ ପୁଲିସ ତଦନ୍ତ କରିପାରିବ ନାହିଁ। ଜାମିନ ମାମଲାରେ ପୀଡ଼ିତ / ପୀଡ଼ିତାଙ୍କୁ କ୍ଷତିପୂରଣ ଦିଆଯାଉ। ବିବାହିତା ମହିଳାଙ୍କର ଶାଶୁ ଘରେ ଯତ୍ନ ନିଆଯିବା ଉଚିତ। ଦେୱାନୀ ମାମଲାକୁ ଫୌଜଦାରୀ ମାମଲାର ରଙ୍ଗ ଦିଆଯାଉଛି। ବ୍ୟକ୍ତିଗତ ଶତ୍ରୁତା ପାଇଁ ବିଫଳ ଟେଣ୍ଡରଧାରୀମାନେ ଅଦାଲତକୁ ଆସୁଛନ୍ତି। ସଂସ୍କୃତି ଅବକ୍ଷୟ କରୁଥିବା ଟିକ୍‌ଟକ୍ ଉପରେ ନିୟନ୍ତ୍ରଣ ଆବଶ୍ୟକ। କୋଭିଡ଼ ଯୋଦ୍ଧାଙ୍କ ପରିବାରର ଅନୁମତି ନେଇ ନାଁ ପ୍ରଘଟ ହୋଇପାରିବ। ଏନ୍‌ଆରଆଇଙ୍କ ପାଇଁ ସଂରକ୍ଷଣ ଅସାମ୍ବିଧାନିକ। ଗୁଣ୍ଡାଗାରେଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଦେଶରେ ଏକକ ଆଇନ ହେଉ।

**ରଥଯାତ୍ରା : ହାଇକୋର୍ଟରୁ ସୁପ୍ରିମକୋର୍ଟ :** ଚଳିତବର୍ଷ ରଥଯାତ୍ରାକୁ ନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ପ୍ରଥମେ ରଥ ନିର୍ମାଣକୁ ନେଇ ମାମଲା ରୁଜୁ ହେବା ପରେ ରଥଯାତ୍ରା ଅନୁଷ୍ଠିତ ହେଉ ବୋଲି ପ୍ରାର୍ଥନା କରି ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ହାଇକୋର୍ଟ ରଥଯାତ୍ରା ସମ୍ପୂର୍ଣ୍ଣ କଟକଣା ଭିତରେ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଶେଷରେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସୁପ୍ରିମକୋର୍ଟ ଭକ୍ତଶୂନ୍ୟ ରଥଯାତ୍ରା ପାଇଁ ଦ୍ୱିତୀୟ ଦଫାରେ ଅନୁମତି ଦେଇଥିଲେ। **ବ୍ୟାଙ୍କରେ ଜଗନ୍ନାଥଙ୍କ ଟଙ୍କା ଜମା ବିବାଦ :** ମହାପ୍ରଭୁ ଜଗନ୍ନାଥଙ୍କ ଟଙ୍କା ଘରୋଇ ୟସ୍ ବ୍ୟାଙ୍କରେ ଜମା କରାଯାଇଥିଲା। ୟସ୍ ବ୍ୟାଙ୍କରେ ଦୁର୍ନୀତି ପାଇଁ ଏଥିରେ ରହିଥିବା ଜମା ରାଶି ପ୍ରତି ବିପଦ ଦେଖାଦେଇଥିଲା। ତେବେ ବିଭିନ୍ନ ଉତ୍ସରୁ ଜଗନ୍ନାଥଙ୍କୁ ମିଳୁଥିବା ଅର୍ଥକୁ କାହିଁକି ଏକ ଘରୋଇ ବ୍ୟାଙ୍କରେ ଜମା କରାଗଲା ଏବଂ ଏଥିପାଇଁ କେଉଁମାନେ ଦାୟୀ ସେ ନେଇ ସିବିଆଇ ତଦନ୍ତ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। **ମନ୍ଦିର ଖୋଲିବା ପାଇଁ ହାଇକୋର୍ଟଙ୍କୁ ପ୍ରାର୍ଥନା :** କରୋନା କଟକଣା ପାଇଁ ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନରେ ଭକ୍ତଙ୍କ ଦର୍ଶନ ପାଇଁ କଟକଣା ଲାଗୁ କରାଯାଇଥିଲା। ଏହାଦ୍ୱାରା ପୂଜାରୀଙ୍କୁ ଆର୍ଥିକ ସଙ୍କଟ ଉପୁଜିଲା। ଯଦି ସରକାର ଆର୍ଥିକ ସହାୟତା ନଦେବେ ତାହେଲେ ମନ୍ଦିର ଖୋଲିବା ପାଇଁ ଅନୁମତି ଦେବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। **ଘରୋଇ ବିଦ୍ୟାଳୟ ଫି' ଛାଡ଼ ମାମଲା :** କରୋନା ଭଳି ମହାବିପତ୍ତି ସମୟରେ ରୋଜଗାର ଆୟର ସମସ୍ତ ପନ୍ଥା ବନ୍ଦ ହୋଇଯାଇଥିବା ବେଳେ ଘରୋଇ ଇଂରାଜୀ ବିଦ୍ୟାଳୟ ଫି ଦାବି କରିବାକୁ ନେଇ ବିବାଦ ଦେଖା ଦେଇଥିଲା। ଏହି କରୋନା ସମୟରେ ଫି ଛାଡ଼ ନେଇ ରାଜ୍ୟ ଅଭିଭାବକ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ମାମଲାର ସୂତା ଏବେ ଗୁଡ଼େଇ ହୋଇ ଚାଲିଛି। ଫଳରେ ସ୍କୁଲ ଫି ଛାଡ଼ ମାମଲାର ସମାଧାନ ହେବା ପରିବର୍ତ୍ତେ କ୍ରମଶଃ ଏହା ଜଟିଳ ଆଡ଼କୁ ଗତି କରୁଛି। **ସାରୁଆ ଜମି କେଲେଙ୍କାରୀ :** ଖୋର୍ଦ୍ଧା ସାରୁଆ ଠାରେ ହୋଇଥିବା ଜମି କେଲେଙ୍କାରୀ ଘଟଣା ମଧ୍ୟ ହାଇକୋର୍ଟକୁ ଆସିଥିଲା। ଓଡ଼ିଶା ଇନ୍‌ଫ୍ରାଟେକ ପ୍ରାଇଭେଟ ଲିମିଟେଡ ନାଁରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ରୁଜୁ ମାମଲାକୁ ରଦ୍ଦ ପାଇଁ ହାଇକୋର୍ଟରେ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଏହି ଆବେଦନକୁ ଖାରଜ କରି ଦେଇଥିଲେ। ଏହି ଆବେଦନ ଖାରଜ ହୋଇଯିବା ପରେ ଇନ୍‌ଫ୍ରାଟେକ୍‌ର ଦୁଇ ପ୍ରୋମୋଟର ବୈଜୟନ୍ତ ପଣ୍ଡା ଏବଂ ଜାଗି ମଙ୍ଗତ ପଣ୍ଡାଙ୍କ ପାଇଁ ଅଡୁଆ ବଢ଼ିଯାଇଥିଲା। **ପୁରୀ ବାସେଳୀ ସାହି ହାଜତ ମୃତ୍ୟୁ ଘଟଣା :** ରାଜ୍ୟର ବହୁ ଚର୍ଚ୍ଚିତ ପୁରୀ ବାସେଳୀ ସାହି ହାଜତ ମୃତ୍ୟୁ ଘଟଣା ମଧ୍ୟ ହାଇକୋର୍ଟକୁ ଆସିଥିଲା। ଏହି ମାମଲା ରୁଜୁ ହେବାରେ ଏକ ବିରଳ ରେକର୍ଡ଼ ସ୍ଥାପନ ହୋଇଥିଲା। ମାମଲା ରୁଜୁ ହେବା କ୍ଷଣି ଏହାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ପ୍ରତିପକ୍ଷଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଥିଲେ।

ଆଡ଼ଭୋକେଟ
ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୧୬୩୫୨୮

**ଅଦ୍ରୋହ :-**

**(ପୂର୍ବପ୍ରକାଶ ଉତ୍ତାରୁ)**

ଏବେ ଲୋକମାନଙ୍କ ମନରେ ପ୍ରଶ୍ନ ଆସିବ ଯେ କାହାକୁ ଦଣ୍ଡିତ ନ କରିବା ଦ୍ୱାରା ସମାଜରେ ସ୍ୱେଚ୍ଛାଚାରୀତା ବଢ଼ି ଯିବନି ତ? ଦଣ୍ଡିତ କରାଯିବା ତ ନିହାତି ଆବଶ୍ୟକ। ଏ ସବୁ କଥା ଲେଖିବାର ଉଦ୍ଦେଶ୍ୟ ପ୍ରତ୍ୟେକ ନିଜର ଧର୍ମକର୍ମକୁ ଜାଣି ନିଜର ରକ୍ଷା କରିବା। ପ୍ରତ୍ୟେକ ମଣିଷ ଯଦି ନିଜ ପାଖରେ ଥିବା ଜମିକୁ ସଫା ରଖି ପାରିବ ତେବେ ପୁରା ପୃଥିବୀ ସଫାସୁତରା ହୋଇଯିବ। ମାତ୍ର ତୁମେ ମୋତେ ଆଉ ମୁଁ ତୁମକୁ ସୁଧାରିବାକୁ ଚାହିଁଲେ ଯେଉଁଠାରେ ସେହିଠାରେ ରହିଯିବ। ଦ୍ରୋହ ହେବ ହିଁ ହେବ। ଦୁଇଟି ମିତ୍ର ନିମନ୍ତ୍ରିତ ହୋଇ ଜଣକ ଘରକୁ ଖାଇବାକୁ ଗଲେ। ପ୍ରଥମ ମିତ୍ର ହାତ ଧୋଇବାକୁ ଗଲା ବେଳେ ଦ୍ୱିତୀୟ ମିତ୍ର କହିଲା ଆପଣ ଏ ଗଡ଼କୁ କାହିଁକି ଖାଇବାକୁ ଡାକିଲେ? ଦ୍ୱିତୀୟ ମିତ୍ର ଯେତେବେଳେ ହାତ ଧୋଇବାକୁ ଗଲା ପ୍ରଥମ ମିତ୍ର କହିଲା, ଆପଣ ଏ ବଳଦକୁ ଖାଇବାକୁ କାହିଁକି ଡାକିଲେ? ଶେଷରେ ଦୁଇଜଣ ଯେବେ ଖାଇବାକୁ ବସିଲେ ଭୋଜନରେ ଘାସ, କୁଣ୍ଡା ହିଁ ଥିଲା। କଣ ପାଇଁ? କାହିଁକି ନା ଦୁହେଁ ଦୁହିଁଙ୍କର ଯେଉଁ ପ୍ରକାର ପରିଚୟ ଦେଲେ ସେହି ପ୍ରକାର ଖାଇବାକୁ ମିଳିଲା। ତେଣୁ ମୌନ ଧାରଣ କରନ୍ତୁ। ସଂସାରରେ ଯାହାକିଛି ହେଉଛି ବା ଘଟୁଛି ସବୁ ଈଶ୍ୱରଙ୍କ ଇଚ୍ଛାରେ ହିଁ ଘଟୁଛି। ଅତଃ କେବଳ ଆବଶ୍ୟକ ଅନୁସାରେ କୁହନ୍ତୁ। ଉତ୍ପାତ ନ ହୋଇ ଅନ୍ତର୍ମୁଖୀ ହୁଅନ୍ତୁ। ପ୍ରଭୁ କହିଛନ୍ତି, 'ତମେବ ଶରଣଂ ଗଚ୍ଛ ସର୍ବ ଭାବେନ ଭାରତ' - ତୁମେ ସେହି ପରମାତ୍ମାଙ୍କ ଶରଣରେ ରୁହ, ତୁମର କଲ୍ୟାଣ ହେବ। ପରିଶେଷରେ ତୁମେ ଅଦ୍ରୋହୀ ତ ହେବ ତା ସହିତ ଭଗବାନଙ୍କର ପ୍ରୀୟ ମଧ ହୋଇପାରିବ।




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ନାତିମାନିତା :-**

ଶ୍ରୀମଦ୍‌ଭାଗବତ ଗୀତାର ଅନେକ ଶ୍ଳୋକ ବହୁଲୋକଙ୍କର ଜଣାଶୁଣା। ଯେମିତି ଗୀତାର ବାର ଅଧ୍ୟାୟର ଅଠର ନମ୍ବର ଶ୍ଳୋକ- 'ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନପୋମାନୟ'। ତେର ଅଧ୍ୟାୟର ସାତ ନମ୍ବର ଶ୍ଳୋକ, ଅମାନିତ୍ୱମ...।' ସେହିପରି ଷୋହଳ ଅଧ୍ୟାୟର ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ଳୋକ ଅଟେ। ଏହି ତିନୋଟି ଶ୍ଳୋକର ଅଢ଼େଇ ଶ୍ଳୋକ ଭିତରେ ସମସ୍ତ ଦୈବୀସମ୍ପଦା କଥା କୁହାଯାଇଛି। ତେବେ ଶେଷରେ ନାତିମାନିତା ରହିଛି। ନାତିମାନିତା ଅର୍ଥାତ୍ ନ ଅତିମାନିତା ବା ଅଧିକ ମାନ ବା ଅଭିମାନକୁ ନିଜ ଭିତରେ ସ୍ଥାନ ନ ଦେବା। ବିଷ୍ଣୁସହସ୍ର ନାମରେ ଭଗବାନଙ୍କର ଏକ ନାମ ଅମାନି ଅଟେ। ମୋର ସମ୍ମାନ ପାଇବାର ଇଚ୍ଛା ନାହିଁ ସେଥିପାଇଁ ଅନ୍ୟ ମାନଙ୍କୁ ସମ୍ମାନ ଦେବି ନାହିଁ ଏଭଳି ସ୍ୱଭାବ ଜଡ ସ୍ୱଭାବ ଅଟେ।

(କ୍ରମଶଃ)

# ସମ୍ପର୍କର ସୂତା ଖିଅ




**ସ୍ୱ**ମୀଙ୍କ ମୃତ୍ୟୁ, ବଡ଼ିଲା ଝିଅର ଆତ୍ମହତ୍ୟା, ପୁଅର ପାଗଳ ପଣ, ଏସବୁକୁ ଅତିକ୍ରମ କରି ଲେଉଟିଆସିଲା କି ଯୁଗ ଯୁଗ ଧରି ଗାଏବ୍ ହୋଇଯାଇଥିବା ସମସ୍ତ ସୁଖ, ସବୁ ତାତ୍ପର୍ଯ୍ୟ, ସବୁ ପରିପୂର୍ଣ୍ଣତା? ମାଟି ଭିତରର କୋଉ ସନ୍ଧିରେ ଲୁଚି ରହିଥିବା ସବୁଜିମା ସହସା ଆତ୍ମପ୍ରକାଶ କରି ପକାଇଲା କି? ବୋଉର ଇଚ୍ଛା ହେଉଥିଲା, ଘରର ଏରୁଣ୍ଡିବନ୍ଧ ଡେଇଁ ସେ ଦୌଡ଼ିଯିବ ଦାଣ୍ଡକୁ। ଶୋଇପଡିଥିବା ସଂସାରକୁ ହଲାଇଦେଇ ଗଳା ଫଟାଇ ଶୁଣାଇବ- ହେ ବିଧାତା, ହେ ନଟଦାସ, ନକୁଳ ପଧାନ, ହେ ଗଛଲତା, ଜଳ, ସ୍ଥଳ, ଆକାଶ, ଶୁଣ, କାନ ଡେରି ଶୁଣ, ଆଖି ଫାଡି ଦେଖ, ମୋ ବୋହୂ ଫେରି ଆସିଛି... ମୋ ଭାସିଯାଇଥିବା ସଂସାର କୂଳରେ ଲାଗିଯାଇଛି... ମୋ...

ଠକ୍... ଠକ୍...ଠକ୍...

କଳାକାଠ ପଡ଼ିଗଲା ବୋଉର ମୁହଁ। ସେ ଚାହିଁଲା କବାଟ ଆଡ଼କୁ।

ଠକ୍... ଠକ୍.... ଠକ୍...

ସବୁ ରକ୍ତ ଶୁଖିଗଲା ମୁହଁରୁ। ଏଇ ମୁହୂର୍ତ୍ତେ ଆଗରୁ ତା' ମୁହଁରେ ଖେଳି ବୁଲୁଥିବା ପୂର୍ଣ୍ଣିମା ତିଥିର ଜହ୍ନଟି ଅକସ୍ମାତ୍ ରାହୁଗ୍ରସ୍ତ ହୋଇଯିବା ପରି ଦେଖାଗଲା।

ଗ୍ରୀନ୍ ରୁମ୍‌ରୁ ବାହାରି ଜଣେ ରାଜା ଯେପରି ଯାଏ ଷ୍ଟେଜ୍ ଉପରକୁ, ସେହିପରି ଠାଣିରେ ଆଉଜା ହୋଇଥିବା କବାଟକୁ ଠେଲି ଘର ଭିତରକୁ ପ୍ରବେଶ କଲା ସୁରେନ୍ଦ୍ର। ହାତରେ ତରୁଆଲ୍ ପରି ଧରିଥିଲା ଖଣ୍ଡେ ବାଉଁଶ କଣି। ରାଜକୀୟ ଠାଣୀରେ ଥରେ ବୋଉକୁ, ଥରେ ତା' ପାଖରେ ଠିଆ ହୋଇଥିବା ଅଜଣା ରାଜକୁମାରୀକୁ ଚାହିଁ ଦେଇ ବସିଲା ପିଣ୍ଡାରେ ଗୋଡ଼ ଉପରେ ଗୋଡ଼ ପକାଇ ଏବଂ ଘୋଷଣା କଲା- "ଆମ୍ଭକୁ ପ୍ରଚୁର ଭୋକ! ଅବିଳମ୍ବେ ଖାଦ୍ୟର ଆୟୋଜନ କର ମାତେ!"

ଏଇ କେତେଦିନ ପୂର୍ବେ ବାସନ୍ତୀ ବଜାର ଛକ ଉପରେ ତାରିଣୀ ଅପେରା ମଞ୍ଚସ୍ଥ କରୁଥିବା ଯାତ୍ରାର ଏକ ଡାଏଲଗ୍ ଉଚ୍ଚାରଣ କଲା ସୁରେନ୍ଦ୍ର।

ନିର୍ଜୀବ, କାକୁସ୍ଥ ଆଖିରେ ବୋଉ ଚାହିଁଲା ମମତାକୁ। ଅଭିନବ ଐଶ୍ୱର୍ଯ୍ୟଟି ପଲକ ମାତ୍ରେ ହାତଛଡ଼ା ହୋଇଯିବ କି? -ଗୋଟେ ବ୍ୟାକୁଳ ଭାବ ଘୋଟିଯାଉଥିଲା ବୋଉର ସମଗ୍ର ମନ ଉପରେ! 'ଏଇ କିଛି କ୍ଷଣ ଆଗରୁ ଆଖି ଝଲସା ଆଲୁଅରେ ଉଦ୍ଭାସିତ ହୋଇ ଉଠିଥିବା ତା' ସଂସାରଟି ପୁଣି ବୁଡିଯିବ କି ଆଦିମ ଅନ୍ଧକାର ଭିତରେ? ଖାଁ ଖାଁ ଶୂନ୍ୟତା ଗ୍ରାସ କରିପକାଇ କି ଏଇ କିଛି କ୍ଷଣ ପୂର୍ବେ ଫେରି ଆସିଥିବା ଜୀବନର ସବୁ ମଧୁର କୋଳାହଳକୁ?

ମମତା କ'ଣ ସ୍ୱାମୀ ଭାବରେ ଗ୍ରହଣ କରିପାରିବ ତ ପାଗଳ ପୁଅକୁ? ମୁହଁ ମୋଡ଼ିଦେଇ ଚାଲିଯିବନି ତ!!

ଗୋଟିଏ ମହାନାଟକର ମୂକ ନାୟିକା ପରି ଠିଆ ହୋଇଥିଲା ମମତା। ଠିଆହୋଇ ଦେଖୁଥିଲା ତା' ଚାରିପାଖରେ ସଂଘଟିତ ହୋଇଯାଉଥିବା ଅଭିନବ ଦୃଶ୍ୟକୁ। ଇୟେ କ'ଣ ସୁରେନ୍ଦ୍ର? ମୁଣ୍ଡର କେଶ ଧଳା, ଝାଳୁଆ ମୁହଁ, ମୁହଁରେ ଅଯତ୍ନ ବର୍ଦ୍ଧିତ ଗୋଛାଏ ଦାଢ଼ି, ଦେହରେ କେବଳ ଛିଣ୍ଡା ପ୍ୟାଣ୍ଟଟିଏ!

ମମତା ବୁଲି ଚାହିଁଲା। ବାମପାଖ ଲଂଘାରେ କୋଟିଏ ଯୁଗର ଆଶାକୁ ନେଇ ବସି ରହିଥିଲେ ନଡ଼ନଡ଼ିଆ ବୁଢ଼ୀ ମଣିଷଟିଏ। ମମତା ଭାବିଥିଲା ତାକୁ ଦେଖିବାମାତ୍ରେ ସେ ପ୍ରକାଣ୍ଡ ରଡ଼ିଟାଏ ଛାଡ଼ିବେ- "ଏତେ କାଣ୍ଡ କରି ତୋ ମନ ଶାନ୍ତି ହେଲାନି ଯେ ପୁଣି ଏଠିକୁ ଆସିଛୁ କ'ଣ ପାଇଁ? ତୋରି ପାଇଁ ମୋ ଘର ବରବାଦ୍ ହେଲା, ମୋ ଭେଣ୍ଡାପୁଅ ପାଗଳ ହେଲା... ଆଉ କ'ଣ ହେଲେ ତୋ ମନ ଶାନ୍ତ ହେବ? କହ!!

ଅଥଚ କେତେ ନିର୍ବିକାର, କେତେ ଉଦାର ହୃଦୟରେ ସେ ତାକୁ ଛାତି ଭିତରକୁ ଟାଣି ନେଲେ ସତରେ! ଏବେ କେମିତି ବିକଳ ହୋଇ ଅୟୁତ ଆଶାର ଆଖିରେ ତାକୁ ଚାହିଁ ରହିଛନ୍ତି, ଦେଖ!

ସୁରେନ୍ଦ୍ର ପାଗଳ ହୋଇଗଲେ! -ମମତା ଭାବିଲା, ଏ ଦୁନିଆରେ କିଏ ପାଗଳ ନୁହେଁ ଯେ? ସେ ପାଗଳ ନୁହେଁ? ତା ଡାଡିମମ୍ମି ପାଗଳ ନୁହନ୍ତି! ଏ ଥୁରୁଥୁରୁ ବୁଢ଼ୀ ମଣିଷଟି ପାଗଳ ନୁହେଁ? ପାଗଳ ନ ହୋଇଥିଲେ ଏମିତି ଅକାତରେ ସାରା ପୃଥିବୀକୁ କ୍ଷମା କରି ପାରିଥା'ନ୍ତେ?

ଏକ ଦୀର୍ଘଶ୍ୱାସ ଛାତି ଥରାଇ ବାହାରି ଆସୁଥିଲା। 'ନା, ଏହା ତା' ପାଇଁ ଏକ ପ୍ରାୟଶ୍ଚିତ ନୁହେଁ ବରଂ ସମଗ୍ର ଜୀବନର ଐକାନ୍ତିକ ତପସ୍ୟାର ଏକମାତ୍ର ତଥାସ୍ତୁ।

ମମତା ଉଠି ଠିଆହେଲା। ଦୁଇପାଦ ଆଗେଇ ଯାଇ ନିଜ ଛାତିରେ ଭିଡି ଧରିଲା ସୁରେନ୍ଦ୍ରର ମୁଣ୍ଡକୁ। ନିଜର ପଣତକାନିରେ ଯୁଗ ଯୁଗର ତା' କ୍ଳାନ୍ତ, ଘର୍ମାକ୍ତ ମୁହଁକୁ ପୋଛି ଦେଇ କହିଲା - "ଭୋକ ଲାଗିଲାଣି! ହଉ ଉଠ, ଧଉଆ ଧୋଇ ହୋଇ ଆସ। ମୁଁ ଖାଇବାକୁ ବାଢୁଛି।

ଲୁହ ପୋଛିବାକୁ ନୁହେଁ, ଲୁହ ରୂପରେ ସାରା ଦୁନିଆର ପ୍ରାପ୍ତି ହୋଇ ଝରିଯାଉଥିବା ମୁକ୍ତାଗୁଡ଼ିକୁ ସାଇତିବାକୁ ବୋଉର ପଣତକାନି ଉଠିଯାଉଥିଲା ତା ଆଖି ପାଖକୁ।

ବାଡ଼ିପଟୁ ନିଦହଜା ଚଢ଼େଇଟିଏ ବୋଲୁଥିଲା ମିଳନର ସଙ୍ଗୀତ।

(ଶେଷ)

## ବିଭିନ୍ନ କବିତା



## ଭାତହାଣ୍ଡି

**ଗଜାନନ ମିଶ୍ର**



'ତୁମ୍ଭେ ଯେତେ ବଡ ହେଲେ
ଆମ୍ଭର କି ଲାଭ, ଆମ୍ଭ ତମ
ନାଶିବାକୁ ନାହିଁ ତ ପ୍ରଭାବ';
ସ୍ୱଭାବ କବି ଗଙ୍ଗାଧର।
ଲାଭହାନିର ହିସାବ କେବଳ
କରିଥାଏ ଆମ୍ଭ ପରି କ୍ଷୁଦ୍ର
ଜୀବ,
ଭାତହାଣ୍ଡି ହିଁ
ଆମରି ସଂସାର।

ଖାଲି ପେଟ,
ଆଉ ଏଥିରେ
ଆମେ କି ପାରିବୁ
କରି ନାଟ।
ମୁଠେ ଖାଇ
ଘଡିଏ ଶୋଇବା
ଆମର ସବୁ
ଏତକ ବି
ଯାଉ ନି ତୁମ ଦେହକୁ!
ଦେହକୁ
କନାଖଣ୍ଡେ ଲୋଡ଼ା,
ଆଉ ଲୋଡ଼ା ନାଇଁ



ବିମାନେ ଉଠିବା।
ମାଟି ଉପରେ ବି
ନାଇଁ ଆମ ସ୍ଥିତି,
ହଲାପଟା କରୁଛି ଦେଖ
ଆମରି ପରିସ୍ଥିତି।

ଘର ବାହାର
ସବୁ ଅନ୍ଧାର,
ଦିନରେ
ଆଖିଆଗରେ ଆମର
ଜୁଳୁଜୁଳିଆ ପୋକ।
ଅଛ ତୁମେ କହୁଛ,
କଣ ଲାଭ ଆମର!

*ତପୋବନ, ଟିଟିଲାଗଡ,*
*ବଲାଙ୍ଗୀର*

## ପଦ୍ମତୋଳା



**ମମତା ପ୍ରିୟଦର୍ଶିନୀ ସାହୁ**

**ପ**ଦ୍ମତୋଳା ମନ୍ତ୍ର ଫୁଙ୍କିଚାଲିଥିଲା
ସମ୍ମୋହିତ ନହେବା କୁ
ଆଉ ରାସ୍ତା ନଥିଲା।

ରକ୍ତର ସୁଅ ମୁହଁରେ ଭାସିଗଲେ
କେତୋଟି କଟା ମୁଣ୍ଡ
କିଛି କଳିଜା ଶିଥିଳତାର ମାଟି ଧରିଲେ।

ଐତିହ୍ୟର ଆୟୁଷ ବି
ଝାସଦେଲା ଲଜ୍ଜା ନିବାରିବାକୁ
ଜ୍ଞାନେନ୍ଦ୍ରିୟ ହଜିଗଲା ବୋଧେ
ନିର୍ବାଣ ରାସ୍ତାର ପ୍ରେମ ଆସ୍ୱାଦିବାକୁ।



ନୀଳ ପାଲଟିଲା କଳା ପାଉଁଶିଆ
ତୁଠ ପଥର ବି ବହେ କାନ୍ଦିଲା
ରାକ୍ଷୀର ବଳୟ ହେଲା ରକ୍ତାକ୍ତ
ସମ୍ପର୍କ, ଖିଅଟିଏ ଲୋଡୁଥିଲା।

କି ଭେଦ କି ଫାଙ୍କ ସବୁ ଏକାକାର
ନିଆଁ ଲଗାଇଦେଲେ ସେ ଅକ୍ଷର ଗୁଡ଼ା
ଗଣତନ୍ତ୍ର ରାଣୀର ବଡ ଫୁଟାଣୀ
କାଇଁ ଫେରିଗଲା ତା ବାଙ୍କ ଚାହାଣୀ।
ଦୂର୍ ଦୂର...
ମାର୍ ମାର୍ ...
ଏତକ କେବଳ ସହାୟକ ହେଲା।

*ଓଡ଼ିଆ ଅଧ୍ୟାପିକା*
*ସରକାରୀ ଏସ୍ଏସ୍‌ଡିଏଚ୍ଏସ୍ଏସ୍ +୨*
*ବିଜ୍ଞାନ ମହାବିଦ୍ୟାଳୟ*
*ବାଲିଶଙ୍କରା, ସୁନ୍ଦରଗଡ*

## ଆସୁଛି ନୂଆ ବରଷ



**ଡକ୍ଟର ମନୋରଞ୍ଜନ ବିଷୋୟୀ**

**ଅ**ବଧି ପୂରାକରିବ
ଗୋଟିଏ ବରଷ
ପୁଣି ଆସି ପହଞ୍ଚିବ
ଆଉ ଏକ ନୂଆ ବରଷ।
ଏବେ କ'ଣ
କଡ଼ ଲେଉଟାଇବ ଦୁଃଖ ?
ରାହୁ ଗ୍ରାସରୁ ମୁକ୍ତ ହୋଇ
ଫେରିଆସିବ କି
ମୋ ଜୀବନେ ସୁଖ ?
ଏଠି ତ ଗାଇଆଳ
ପିଲାମୁଣ୍ଡରେ



ହାତୀ ଢାଳେ ସୁବର୍ଣ୍ଣ କଳସ
କିନ୍ତୁ ପାଇଥିବା ସୌଭାଗ୍ୟ
ମୋ ପାଇଁ ଆଜି ଅପହଞ୍ଚ।
ତଥାପି
ମୋ ଅନାସକ୍ତ ଆଶାମାନେ
ଆସକ୍ତିର ଖଞ୍ଜଣି ପିଟି
ଗାଉଛନ୍ତି ଗୀତ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ଦୂରଭାଷ : ୮୮୯୫୧୪୧୭୨୭*

## ଡାଏରୀ

**ସୁଧାଂଶୁ ଶେଖର ଦ୍ୱିବେଦୀ**





**ଅ**ବସର ବେଳେ
ନିଜ ଭାବନାର
ଶବ୍ଦକୁ ଶବ୍ଦରେ ସଜେଇ
ଡାଏରୀ ପୃଷ୍ଠାରେ ଲେଖିଦିଏ।

ନିଜ ସହ ବାର୍ତ୍ତାଳାପ କରି
ନିଜ ସହ ହସେ
ବିଭୋରିତ ହୁଏ।

ଆଖିରୁ ଲୁହ ଝରାଏ
ଦୁଃଖଭରା କ୍ଷଣରେ
ପୁଣିଥରେ ଜିଇବାକୁ
ଚେଷ୍ଟା କରେ।

ଭୁଲି ଯାଇଥିବା ସ୍ମୃତି
ସହଜ ସରଳ କଥା
ହଜି ଯାଇଥିବା ଭାବନା
ରାଗ, ପ୍ରେମ, ଘୃଣା
ଯାହା କହି ହୁଏନି କାହାକୁ
ଡାଏରୀରେ ଲେଖିଦିଏ।

ଯେଉଁ ସ୍ୱପ୍ନ ପୁରା ହୋଇନି
ଆଉଥରେ ଶବ୍ଦରେ ଲେଖି
ସ୍ୱପ୍ନ ସହିତ ବଞ୍ଚିବାକୁ ପଡେ।

କିଛି ଶବ୍ଦ ହସରେ
ଉନ୍ମୁକ୍ତ କରିଦିଏ ତ
କିଛି ଯନ୍ତ୍ରଣାରେ
ବୋଝ ହୋଇଯାଏ
ପୁଣି କେବେ ଲୁହ ବୁନ୍ଦା
ଖସିପଡେ ଡାଏରୀ ପୃଷ୍ଠାରେ।

ସେଇ ଧୂଆଁଳିଆ ଶବ୍ଦ ଭିତରେ
ଯନ୍ତ୍ରଣାକୁ ଖୋଜିହୁଏ ବାରମ୍ବାର
ସେଇବେଳେ ଜଣେ ମିତ୍ର ପରି
ସେ ତା'ପୃଷ୍ଠାରେ ହସାଏ, କନ୍ଦାଏ
ଓ ସ୍ମୃତିକୁ ସଜାଡି ରଖେ ସବୁଦିନ।

*ବିସି-୭୪, ସଲଟ ଲେକ,*
*କୋଲକାତା-୬୪*
*ଦୂରଭାଷ : ୯୬୮୧୩୭୩୫୧୨*

## ସନେଟ୍

**ଡମ୍ବରୁଧର ପଟ୍ଟନାୟକ**



ଡିସେମ୍ବରର ଶେଷ ଦିବସରେ ଲିଭିବ 'କୋଡିଏ' ଦୀପ,
ଦି'ହଜାର ଏକୋଇଶି ଆସିବକି ନେଇ ନୂଆ ଏକ ରୂପ?
ପୁନର୍ଜନ୍ମର ପ୍ରକ୍ରିୟାରେ ତ ଆତ୍ମାର ନବନ୍ୟାସ,
କୋଡିଏ ହଟିବ, ଏକୋଇଶି ଆସି ଧରାରେ ହେବ ପ୍ରବେଶ ॥

କରୋନା କଳଙ୍କ ବିଦୂରିତ ହୋଇ ଚହଟିବ ଆଶାଜହ୍ନ,
ଜହ୍ନରୁ ଝରିବ ସୁଖଶାନ୍ତି ମହୁ କରି ମଧୁ ତନୁମନ।



ଜୀବନଜୀବିକା, କଳା, ଶିକ୍ଷାଦୀକ୍ଷା ହେବ ନିଶ୍ଚେ ସ୍ୱାଭାବିକ,
ପୁନରୁଜ୍ଜୀବିତ ହେବ ପରଂପରା, ରହିବ ସଂସ୍କୃତି ଟେକ ॥

ବୃତ୍ତି ଧାରଣାରେ ସହଜେ ଗଡିବ ଜୀବନର ରେଳଗାଡି,
ପ୍ରଗତି ପଥରେ ଆଗେଇଯିବ ସେ ଛୁକ୍ ଛୁକ୍ ଡାକ ଛାଡି।
ଖତିର ଭରଣା ହେବାପାଇଁ ପଛେ ଲାଗିଯାଉ କିଛି ମାସ,
ଏକୋଇଶି ବର୍ଷ ଅଚିରେ ଆଣିବ ସଭିଙ୍କ ମୁହଁରେ ହସ ॥

ଏକୋଇଶିର ଏକୁଶିଆ ଆଗୁଁ କରିବା ନାମକରଣ,
ଏଇ ବର୍ଷ ହେଉ 'ଶୁଭ ସଂବତ୍ସର' ସମୃଦ୍ଧିର ଶିଷ୍ଟ ଲଗ୍ନ ॥



*ସାହିତ୍ୟାୟନ*
*କୋପରେଟିଭ୍ କଲୋନୀ-୨ୟ ଗଳି,*
*ଡାକ/ଜିଲ୍ଲା-ରାୟଗଡ-୭୬୫୦୦୧*
*ମୃଦୁଭାଷ-୮୧୪୪୮୯୫୭୯୯*

## ଗପ ହେଲେ ବି ସତ

**କୈଳାସ ଚନ୍ଦ୍ର ବେହେରା**



ଜଣେ ପୋଷ୍ଟମ୍ୟାନ୍ କୌଣସି ଏକ ଘର ସାମନାରେ ଠିଆହୋଇ ଡାକିଲା ଚିଠି ଆସିଛି ଚିଠି। ଘର ଭିତରୁ ଏକ ଝିଅ ଉତ୍ତର ଦେଲା, ହଁ ଆସିଛି। ତିନି ଚାରି ମିନିଟ୍ ବିତିଯିବା ପରେ କେହି ନ ଆସିବାରୁ ପୋଷ୍ଟମ୍ୟାନ୍ ଆଉଥରେ ଡାକିଲା, ଘରେ କିଏ ଅଛନ୍ତି କି ନାହିଁ? ଚିଠି ଆସିଛି ଟିକେ ଶୀଘ୍ର ନେଇଯାଆନ୍ତୁ। ପୁନର୍ବାର ଝିଅଟି କହିଲା, ଆପଣ ଦରଜା ବାହାରେ ଛାଡି ଦେଇ ଯାଆନ୍ତୁ, ମୁଁ ନେଇଯିବି। ପୋଷ୍ଟମ୍ୟାନ୍ ଉତ୍ତର ଦେଲେ ରେଜିଷ୍ଟର୍ଡ ଚିଠି, ଦସ୍ତଖତ ଦେବାକୁ ହେବ। ତେଣୁ ମୁଁ ଅପେକ୍ଷା କରିଛି, ଶୀଘ୍ର ଆସି ନେଇ ଯାଆନ୍ତୁ। ଛଅ ସାତ ମିନିଟ୍ ବିତିଯିବା ପରେ କବାଟ ଖୋଲିଲା। ପୋଷ୍ଟମ୍ୟାନ୍ ଚିଡାଇ କିଛି କହିବାକୁ ଚାହୁଁଥିଲା, କିନ୍ତୁ ଝିଅଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ଝିଅଟି ଅକର୍ମଣ୍ୟ (ଦିବ୍ୟାଙ୍ଗ) ଥିଲା। ତାହାର ଗୋଡ ଦୁଇଟି ନ ଥିଲା। ପୋଷ୍ଟମ୍ୟାନ୍ ଚୁପ୍ ଚାପ୍ ଚିଠି ଦେଇ ଦସ୍ତଖତ ନେଇ ଚାଲିଗଲା। ସେହିଦିନଠାରୁ ଯେବେ ବି ଝିଅଟିର ଚିଠି ଆସେ, ପୋଷ୍ଟମ୍ୟାନ୍ ଥରଟିଏ ଡାକ ଦେଇ ଝିଅଟି ଆସିବା ପର୍ଯ୍ୟନ୍ତ ଚୁପ୍ ଚାପ୍ ଅପେକ୍ଷା କରି ରହେବ। ଥରେ ଝିଅଟି ଦେଖିଲା, ପୋଷ୍ଟମ୍ୟାନ୍ ଖାଲି ପାଦରେ ଚାଲି ଚାଲି ଆସୁଛନ୍ତି।

ଦୀପାବଳି ପାଖେଇ ଆସୁଥିଲା। ଝିଅଟି ଭାବିଲା ପୋଷ୍ଟମ୍ୟାନ୍‌କୁ କଣ ଉପହାର ଦେବି। ଦିନେ ପୋଷ୍ଟମ୍ୟାନ୍ ଚିଠି ଦେଇ ଯିବା ପରେ ମାଟି ଉପରେ ପଡିଥିବା ତାଙ୍କର ପାଦଚିହ୍ନକୁ ମାପକରି କାଗଜରେ ଉତାରି ନେଇଗଲା। ପରଦିନ ଘରକୁ କାମ କରିବାକୁ ଆସୁଥିବା ଚାକରାଣୀ ସାହାଯ୍ୟରେ ବଜାରରୁ ସେହି ମାପର ହଳେ ଜୋତା ନେଇ ଆସିଲା। ଦୀପାବଳି ପୂର୍ବଦିନ ପୋଷ୍ଟମ୍ୟାନ ଘରଘର ବୁଲି ଚିଠି ବାଣ୍ଟିବା ସହିତ ଦୀପାବଳିର ଶୁଭେଚ୍ଛା ଜଣାଇଲା। ଅନେକ ଲୋକ ପବିତ୍ର ଦୀପାବଳିର ଶୁଭ ଅବସରରେ ତାଙ୍କୁ ଅନେକ ଉପହାର ଦେଲେ। ପୋଷ୍ଟମ୍ୟାନ୍ ଭାବିଲା, ସେ ଝିଅଟି ଘରେ କେହି ନାହାନ୍ତି, ତେଣୁ ତାକୁ ମଧ୍ୟ ଶୁଭେଚ୍ଛା ଜଣାଇବା ଉଚିତ। ତା'ପରେ, ସେହି ଝିଅ ଘରକୁ ଯାଇ ତାକୁ ମଧ୍ୟ ଦୀପାବଳି ଶୁଭେଚ୍ଛା ଜଣାଇଲା। ଝିଅଟି ଘର ଭିତରକୁ ଯାଇ ଉପହାର ପ୍ୟାକେଟଟିକୁ ଆଣି ପୋଷ୍ଟମ୍ୟାନ୍‌କୁ ଦେଲା। ପୋଷ୍ଟମ୍ୟାନ୍ କହିଲା, ତୁମେ ମୋ ଝିଅ ପରି। ମୁଁ ତୁମ ପାଖରୁ କିପରି ଉପହାର ଗ୍ରହଣ କରିବି? ଝିଅଟି ଆଗ୍ରହ କରି କହିଲା, ଆଜ୍ଞା ଆପଣ ମୋ ଉପହାରକୁ ଗ୍ରହଣ କଲେ ମୁଁ ବହୁତ ଖୁସି ହେବି। ପୋଷ୍ଟମ୍ୟାନ୍ ପ୍ୟାକେଟଟିକୁ ନେଇ ଚାଲିଗଲା। ଘରେ ଯାଇ ଯେତେବେଳେ ସେ ପ୍ୟାକେଟ୍ ଟିକୁ ଖୋଲିଲା, ତାହାର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। କାହିଁକି ନା ସେଥିରେ ତା' ପାଦ ମାପ ଅନୁଯାୟୀ ଜୋତା ହଳେ ଥିଲା। ତା'ର ଆଖି ଜକେଇ ହୋଇ ଆସିଲା ଓ ଅଜାଣତରେ କେଇ ଟୋପା ଅଶ୍ରୁ ତାର ଆଖିରୁ ଝରିପଡିଲା।



ପରଦିନ ପୋଷ୍ଟମ୍ୟାନ୍ ଅଫିସରେ ପହଞ୍ଚି ପୋଷ୍ଟମାଷ୍ଟରଙ୍କୁ ଅନୁରୋଧ କଲା ଯେ, ମୋତେ ଏଠାରୁ ବଦଳି କରି ଦିଆଯାଉ। ପୋଷ୍ଟମାଷ୍ଟର କାରଣ ପଚାରିବାରୁ, ସେହି ଉପହାରକୁ ଦେଖାଇ ସମସ୍ତ କାହାଣୀ ବର୍ଣ୍ଣନା କଲା ଏବଂ ଅଶ୍ରୁଭରା ଆଖିରେ ବାଷ୍ପରୁଦ୍ଧ କଣ୍ଠରେ କହିଲା, ଆଜ୍ଞା ଆଜିଠାରୁ ମୁଁ ଆଉ ସେହି ଗାଁକୁ ଯାଇପାରିବି ନାହିଁ। ସେହି ଅନାଥ ଅକର୍ମଣ୍ୟ ଝିଅଟି ମୋର ଖାଲି ପାଦ ଦେଖି ଜୋତା ହଳେ ମୋତେ ଉପହାର ଦେଲା, ହେଲେ ମୁଁ କେଉଁଠୁ ଗୋଡ ଦୁଇଟି ଆଣି ସେ ଝିଅଟିକୁ ଉପହାର ଦେବି?

ବନ୍ଧୁଗଣ, ସମ୍ବେଦନଶୀଳତା ବିନା ମଣିଷ ଜୀବନ ଅଧୁରା ଅଧୁରା ଲାଗେ। ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ନିକଟରେ ଆମର ପ୍ରାର୍ଥନା, ଭଗବାନ ସମସ୍ତଙ୍କ ହୃଦୟରେ ସମ୍ବେଦନଶୀଳତା ଭରି ଦିଅନ୍ତୁ। ଜଣେ ଅନ୍ୟଜଣଙ୍କ ପାଇଁ ସ୍ପର୍ଶକାତର ଅନୁଭବ କରୁ। ଜଣେ ଅନ୍ୟଜଣଙ୍କ ଦୁଃଖରେ ଦୁଃଖୀ ହେଉ। କୌଣସି ସଙ୍କଟ ସମୟରେ କେହି ନିଜକୁ ବେସାହାରା ଅନୁଭବ ନ କରୁ। ସେ ଏପରି ଅନୁଭବ କରୁ, ଯେମିତି ସାରା ସଂସାର ତା'ର ଦୁଃଖରେ ଦୁଃଖୀ ଅଛନ୍ତି ଏବଂ ତାର ସଂକଟ ସମୟରେ ସମସ୍ତେ ତା' ସାଙ୍ଗେ ରହି ତାକୁ ସହାୟତାର ହାତ ବଢ଼ାଉଛନ୍ତି।

*ସାମ୍ବାଦିକ, ବାଲେଶ୍ୱର*
*ଦୂରଭାଷ : ୯୯୩୮୯୦୮୩୫୩*

# ରାଉରକେଲାରେ ହେବ ଦେଶର ବୃହତ୍ ହକି ଷ୍ଟାଡିୟମ୍ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଷ୍ଟିଲ୍‌ସିଟି ରାଉରକେଲାରେ ହେବ ଦେଶର ସବୁଠାରୁ ବଡ଼ ହକି ଷ୍ଟାଡିୟମ। ପନ୍ଦର ଏକର ପରିମିତ ଜମିରେ ନିର୍ମିତ ଏହି ବିଶ୍ୱସ୍ତରୀୟ ଅତ୍ୟାଧୁନିକ ଷ୍ଟାଡିୟମରେ ୨୦ ହଜାର ଦର୍ଶକ ଏକାସାଙ୍ଗେ ବସି ହକି ମ୍ୟାଚ୍ ଦେଖିପାରିବେ। ୨୦୨୩ ହକି ବିଶ୍ୱକପ୍ ଏଠାରେ ଖେଳାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଘୋଷଣା କରିଛନ୍ତି। ନବୀନ ନିବାସରୁ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଉରକେଲାର ବିପିୟୁଟି କ୍ୟାମ୍ପସରେ ହେବ ଦେଶର ସର୍ବବୃହତ ହକି ଷ୍ଟାଡିୟମ। ୨୦୨୩ ହକି ବିଶ୍ୱକପ୍ ଏଠାରେ ଖେଳାଯିବ। ୨୦୧୮ରେ ପୁରୁଷ ହକି ବିଶ୍ୱକପ୍‌ର ସଫଳତାର ସହ ଆୟୋଜନ ପରେ ୨୦୨୩ରେ ସମ୍ମାନଜନକ 'ପୁରୁଷ ହକି ବିଶ୍ୱକପ୍' ଆୟୋଜନ କରିବାକୁ ଓଡ଼ିଶାକୁ ପୁଣିଥରେ ସୁଯୋଗ ମିଳିଛି। ଏଥିସହିତ ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ବ୍ଲକ୍‌ରେ ସିନ୍ଥେଟିକ୍ ଟର୍ଫ କାମ ଚାଲିଛି, ତାହା ଶେଷ ପର୍ଯ୍ୟାୟରେ। ନୂତନ ଷ୍ଟାଡିୟମରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଖେଳାଳିଙ୍କ ପାଇଁ ଉପଲବ୍ଧ କରାଯିବ। ୧୫ ଏକର ଜାଗାରେ ନିର୍ମାଣ ହେଉଛି ବିଶ୍ୱସ୍ତରୀୟ ଷ୍ଟାଡିୟମ। ଏଥିରେ ପ୍ରାୟ ୨୦ହଜାର ଲୋକ ଏକାସାଙ୍ଗେ ମ୍ୟାଚ୍ ଦେଖିବାର ସୁଯୋଗ ପାଇବେ। ଏଥିପାଇଁ ଚାଲିଛି ପ୍ରସ୍ତୁତି। ଏହି ଷ୍ଟାଡିୟମରେ ବହୁ ଆଧୁନିକ ସୁବିଧା ରହିବ ଏବଂ ଅନନ୍ୟ ଅନୁଭୂତି ପ୍ରଦାନ କରିବ। ଆଶା, ଏହା ହକି କ୍ଷେତ୍ରରେ ବିଶ୍ୱର ସର୍ବୋତ୍ତମ ସ୍ଥାନ ଭାବେ ବିବେଚିତ ହେବ ବୋଲି ମୁଖ୍ୟମନ୍ତ୍ରୀ



ପ୍ରକାଶ କରିଥିଲେ। ଗତ ଡିସେମ୍ବର ୧୧ରେ ଆନ୍ତର୍ଜାତିକ ହକି ଫେଡେରେସନ୍, କ୍ରୀଡ଼ା ମନ୍ତ୍ରଣାଳୟର ପ୍ରତିନିଧି, ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଏବଂ ହକି ଇଣ୍ଡିଆର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଉରକେଲା ଗସ୍ତ କରିଥିଲେ। ପୂର୍ବାହ୍ନ ୧୧ଟାରେ ରାଉରକେଲାରେ ସେମାନେ ପହଞ୍ଚିଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସମେତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଭାରତୀୟ ଅଲମ୍ପିକ ଆସୋସିଏସନର ସଭାପତି ତଥା ଅନ୍ତର୍ଜାତୀୟ ହକି ମହାସଂଘ ଅଧ୍ୟକ୍ଷ ଡ. ନରେନ୍ଦ୍ରଧ୍ରୁବ ବାତ୍ରା, ହକି ଇଣ୍ଡିଆର ସିଇଓ ମିସ୍ ଏଲିନା ନରମାନ, ନିର୍ଦ୍ଦେଶକ କ୍ୟାପଟେନ ସି. ଆର ଶ୍ରୀବାସ୍ତବ, ଇଡ୍‌କୋ ଅଧିକାରୀ ପ୍ରତିନିଧି ମଣ୍ଡଳୀରେ ଆସି ସ୍ଥିତି ସମୀକ୍ଷା କରିଥିଲେ। ବିଶେଷକରି ଷ୍ଟାଡ଼ିୟମ ନିର୍ମାଣ, ପ୍ରବେଶଦ୍ୱାର, ଖେଳାଳିଙ୍କ ରହିବା ସୁବିଧା, ସହରର ଉନ୍ନତୀକରଣ, ଫ୍ଲଡ୍‌ଲାଇଟ୍ ବ୍ୟବସ୍ଥା ଓ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ଗମନାଗମନ ପାଇଁ ବିମାନ ସଂଯୋଗକୁ ଗୁରୁତ୍ୱ ଦେବା ସହ ନୂତନ ଗୃହ ନିର୍ମାଣ ଉପରେ ବିଶେଷ ଆଲୋଚନା ହୋଇଥିଲା। ଷ୍ଟାଡ଼ିୟମରେ ଦର୍ଶକଙ୍କ ବସିବା ସିଟ୍ ସଂଖ୍ୟା ବୃଦ୍ଧି ନେଇ ନିଷ୍ପତ୍ତି ହୋଇଥିଲା। ପରେ ପ୍ରତିନିଧିମଣ୍ଡଳୀ ସେକ୍ଟର -୬ ସ୍ଥିତ ହକି ଷ୍ଟାଡିୟମ ସହ ବିଶ୍ରାଛକରେ ନିର୍ମାଣାଧୀନ ନୂତନ ମଲ୍ଟିପରପୋଜ୍ ଷ୍ଟାଡ଼ିୟମ ପରିଦର୍ଶନ କରିଥିଲେ। ଏହି ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀରେ ମଧ୍ୟ ସ୍ଥାନୀୟ ବିଧାୟକ ଶାରଦା ନାୟକ, ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଅତିରିକ୍ତ ଜିଲ୍ଲାପାଳ ଆବୋଲୀ ସୁନୀଲ ନରଓ୍ୱଣେ, ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ। ହକିର ଗଡ଼ ସୁନ୍ଦରଗଡ଼: ହକିର ଗଡ଼ ହିଁ ସୁନ୍ଦରଗଡ଼। କେହି ହକିର 'ଅନ୍ତୁଡ଼ିଶାଳ' ବି କହିଥାନ୍ତି। ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାରୁ ବହୁ ପ୍ରତିଭାମାନ ହକି ଖେଳାଳି ସୃଷ୍ଟିହୋଇ ଆନ୍ତର୍ଜାତିକ ସ୍ତରରେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରେ ଭାରତୀୟ ହକି ଦଳର ପୂର୍ବତନ କ୍ୟାପ୍‌ଟେନ ଦିଲୀପ ତିର୍କୀ ଅନ୍ୟତମ। ସେହିପରି ଆନ୍ତର୍ଜାତିକ ଖେଳାଳି ସୁନୀତା ଲାକ୍ରା ବି ରାଜ୍ୟ ତଥା ଦେଶ ପାଇଁ ବେଶ୍ ଗୌରବ ଆଣିଛନ୍ତି। ତେଣୁ ରାଜ୍ୟ ସରକାର ସୁନ୍ଦରଗଡ଼ ଜିଲ୍ଲାରୁ ଆହୁରି ଅଧିକ ସଂଖ୍ୟାରେ ଭଲ ହକି ଖେଳାଳି ସୃଷ୍ଟି କରିବା ଲକ୍ଷ୍ୟରେ ବିଶ୍ୱ କପ୍ ଆୟୋଜନ ସହ ଭିତ୍ତିଭୂମି ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫ୍ରକ୍‌ରୁ ସିମେନ୍ ...

ପୂର୍ବରୁ ଏ ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ତଦନ୍ତର ସାନି ସ୍ଥିତି ସମ୍ପର୍କରେ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁଆରି ୧୨କୁ ଧାର୍ଯ୍ୟ କରାଯାଇଛି। ଡକ୍ଟର ଜଷ୍ଟିସ ବି.ଆର.ଷଡଙ୍ଗୀ ଓ ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ଦୁଇ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଥିଲେ। ଦୁଷ୍କର୍ମ ଉଦ୍ଦେଶ୍ୟରେ ପରୀକୁ ହତ୍ୟା କରାଯାଇଥିବାର ଏସ୍‌ଆଇଟି ଦର୍ଶାଇଥିବାବେଳେ ଏହି ଘଟଣାରେ ଯଦୁପୁର ଗାଁର ଛାତ୍ର ସରୋଜ ସେଠୀ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି କହୁଛି। କିନ୍ତୁ ଏଯାବତ ପରୀ ସହ ଦୁଷ୍କର୍ମ ନେଇ ଶବ ବ୍ୟବଚ୍ଛେଦ ରିପୋର୍ଟରୁ କୌଣସି ତଥ୍ୟ ମିଳି ପାରିନାହିଁ। ଏଣୁ ଏସ୍‌ଆଇଟି ଜବତ କରିଥିବା ଫ୍ରକ୍‌ରେ ଲାଗିଥିବା ସିମେନ୍ କାହାର ବୋଲି ଆରମ୍ଭରୁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଜେରା ବେଳେ ସରୋଜ ଏସ୍‌ଆଇଟି ଆଗରେ ସବୁ ସତ ମାନିଥିବାର ତଦନ୍ତକାରୀ ଦଳ ମୁଖ୍ୟ ଅରୁଣ ବୋଥ୍ରା କହିଛନ୍ତି। ତେବେ ବାହାରେ ସରୋଜ ନିଜକୁ ନିର୍ଦ୍ଦୋଷ ବୋଲି ବାରମ୍ବାର କହୁଛି। ସରୋଜର ପରିବାର ଏବଂ ପରୀର ପରିବାର ମଧ୍ୟ ସରୋଜକୁ ଦୋଷୀ ବୋଲି ମାନିବାକୁ ଆଦୌ ପ୍ରସ୍ତୁତ ନାହାନ୍ତି। ଏଣୁ ଅଧିକ ପ୍ରମାଣ ଲାଗି ଏସ୍‌ଆଇଟି ଅଭିଯୁକ୍ତର ବ୍ରେନ୍ ମ୍ୟାପିଂ କରିବା ନେଇ ଯୋଜନା କରୁଥିବା ଜଣାପଡ଼ିଛି।

### ଆତ୍ମନିର୍ଭର ...

ଦେଶବାସୀଙ୍କ ସାମୂହିକ ଶକ୍ତିକୁ ସେମାନେ ପ୍ରଶଂସା କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେହିପରି ସେ ଆହୁରି କହିଥିଲେ ଯେ, ଯେତେବେଳେ କରତାଳି ଦେଇ ଦେଶ ଏକତା ପ୍ରଦର୍ଶନ କରିଥିଲା ଓ ଆମର କରୋନା ଯୋଦ୍ଧାଙ୍କୁ ମଧ୍ୟ ସମ୍ମାନ ଦେଇଥିଲା। ଆମ ପାଇଁ ସମୟ ଆହ୍ୱାନପୂର୍ଣ୍ଣ ଥିଲା ଓ ଅନେକ ସଙ୍କଟ ଆସିଥିଲା, ବିଶ୍ୱରେ କରେନା ସମୟରେ ଯୋଗାଣ ଶୃଙ୍ଖଳାରେ ଅନେକ ପ୍ରତିବନ୍ଧକ ଆସିଥିଲା କିନ୍ତୁ ଆମେ ପ୍ରତ୍ୟେକ ସଙ୍କଟରୁ ନୂତନ ଶିକ୍ଷା ଗ୍ରହଣ କରିଥିଲୁ। ସଙ୍କଟ ସମୟରେ ଦେଶରେ ନୂତନ ଶକ୍ତି ଉଭା ହୋଇଥିଲା ଏବଂ ତାହା ହେଉଛି ଆତ୍ମନିର୍ଭରତା। ଆଜି ମଧ୍ୟ ଦେଶର ହଜାର ହଜାର ବର୍ଷ ପୁରୁଣା ସଂସ୍କୃତି, ସଭ୍ୟତା ଓ ରୀତିନୀତିକୁ ବଞ୍ଚାଇବା ପାଇଁ ମହାନ ବଳିଦାନକୁ ସ୍ମରଣ କରିବାର ଦିନ ଅଟେ ବୋଲି କହିବା ସହ ଏହିଦିନ ଗୁରୁ ଗୋବିନ୍ଦଙ୍କ ପୁଅ ସାହବଜାଦେ ଜୋରଓ୍ୱର ସିଂ ଏବଂ ଫତେହ ସିଂଙ୍କୁ କାନ୍ଥରେ ଜୀବନ୍ତ ସମାଧି ଦିଆଯାଇଥିଲା ଏବଂ ଅତ୍ୟାଚାରୀମାନେ ଚାହୁଁଥିଲେ ସାହବଜାଦେ ତାଙ୍କ ବିଶ୍ୱାସ ଏବଂ ମହାନ ଗୁରୁ ପରମ୍ପରା ତ୍ୟାଗ କରନ୍ତୁ। କିନ୍ତୁ, ଆମର ସାହବଜାଦୀ ଏତେ କମ୍ ବୟସରେ ମଧ୍ୟ ବହୁତ ସାହସ ପ୍ରଦର୍ଶନ କରିଥିଲେ। ୨୦୧୪ ରୁ ୨୦୧୮ ମଧ୍ୟରେ ଭାରତରେ ଚିତାବାଘ ସଂଖ୍ୟା ୬୦%ରୁ ଅଧିକ ବୃଦ୍ଧି ପାଇଛି ଯାହା ଆପଣଙ୍କୁ ଖୁସି ଏବଂ ଗର୍ବିତ କରିବ। ବିଶେଷକରି କେନ୍ଦ୍ରୀୟ ଭାରତରେ ଚିତାବାଘ ସଂଖ୍ୟା ବୃଦ୍ଧି ପାଇଛି। ଚିତାବାଘର ସର୍ବାଧିକ ସଂଖ୍ୟା ବିଶିଷ୍ଟ ରାଜ୍ୟମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଶୀର୍ଷରେ ରହିଛି। ଏହା ଏକ ବଡ ସଫଳତା। ଗତ କିଛିବର୍ଷ ମଧ୍ୟରେ ଭାରତରେ ସିଂହଙ୍କ ସଂଖ୍ୟା ବୃଦ୍ଧି ପାଇଛି ଓ ବାଘ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ସହିତ ଭାରତୀୟ ଜଙ୍ଗଲ କ୍ଷେତ୍ର ମଧ୍ୟ ବୃଦ୍ଧି ପାଇଛି। ଭାରତରେ ସେଭଳି ପ୍ରଶଂସନୀୟ ଲୋକ ଅଛନ୍ତି, ଯେଉଁମାନେ ପଶୁମାନଙ୍କ ପ୍ରତି ବହୁତ ଦୟା ଦେଖାଇଛନ୍ତି। ଆମେ ସମସ୍ତେ ମଣିଷମାନଙ୍କ ପାଇଁ ଏକ ହ୍ୱିଲ୍ ଚେୟାର ଦେଖିଛୁ, କିନ୍ତୁ ତାମିଲନାଡୁର କୋଏମ୍ବାଟୁରର ଗାୟତ୍ରୀ ତାଙ୍କ ପିତାଙ୍କ ସହ ମିଶି ଏକ କୁକୁର ପାଇଁ ହ୍ୱିଲ୍ ଚେୟାର ତିଆରି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମନ କି ବାତରେ ଗାୟତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଅନ୍ୟମାନଙ୍କ ଯତ୍ନ ନେବା ପାଇଁ ସେବାର ଏଭଳି ପ୍ରୟାସକୁ ଆମେ ଉତ୍ସାହିତ କରିବା, ଏହା ପ୍ରକୃତରେ ଏକ ଆତିଥ୍ୟ ଯାହା ସମାଜର ସମ୍ବେଦନଶୀଳତାକୁ ଦୃଢ଼ କରିଥାଏ। ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶ କୌସାମ୍ବିରେ ବନ୍ଦୀ ଥିବା କଏଦୀମାନଙ୍କ କଥା କହିଥିଲେ। ସେହି କଏଦୀମାନେ ଗାଈମାନଙ୍କୁ ଶୀତରୁ ରକ୍ଷା କରିବା ପାଇଁ ପୁରୁଣା ଏବଂ ଚିରାଯାଇଥିବା କମ୍ବଳରେ ଶୀତ ବସ୍ତ୍ର ପ୍ରସ୍ତୁତ କରୁଛନ୍ତି। ଏହି କମ୍ବଳ ଅନ୍ୟ ଜିଲ୍ଲାର ଜେଲରୁ ସଂଗ୍ରହ କରାଯାଇଥାଏ ଏବଂ ପରେ ସିଲେଇ ହୋଇ ଗୋଶାଳାକୁ ପଠାଯାଇଥାଏ। ସେହିପରି ସେ ଆହୁରି କହିଥିଲେ ଯେ, ଯେତେବେଳେ ମୁଁ ଭାରତର ଯୁବକମାନଙ୍କୁ ଦେଖେ ମୁଁ ଖୁସି ଏବଂ ଆତ୍ମବିଶ୍ୱାସ ଅନୁଭବ କରେ, କାରଣ ମୋ ଦେଶର ଯୁବକମାନଙ୍କର ଦେଶ ପାଇଁ କିଛି କରିବାର ଇଚ୍ଛା ଅଛି। ଶ୍ରୀ ମୋଦି ତାମିଲନାଡୁର ଶିକ୍ଷୟିତ୍ରୀ ହେମଲତା ଏନକେଙ୍କୁ ପ୍ରଶଂସା କରି କହିଥିଲେ ଯେ, ସେ ଦୁନିଆର ସର୍ବ ପୁରାତନ ଭାଷା ତାମିଲ ଶିକ୍ଷା ଦିଅନ୍ତି ଓ ସେଥିପାଇଁ ଆମେ ଗର୍ବିତ। ସେ ଆହ୍ୱାନ ଦେଇଛନ୍ତି ଯେ, ଦୂରଦୂରାନ୍ତରେ ରହୁଥିବା ଛାତ୍ରଛାତ୍ରୀମାନେ ଯେଭଳି ଉପକୃତ ହେବେ ସେଥିପାଇଁ ଶିକ୍ଷକମାନେ ପୋର୍ଟାଲରେ ପାଠ୍ୟକ୍ରମ ସାମଗ୍ରୀ ଅପଲୋଡ୍ କରନ୍ତୁ।

### ସବୁ ସ୍କୁଲରେ ...

ସ୍କୁଲ ସଂଖ୍ୟା ୯୮୭୨ଟି। ସେଥିରୁ ୩୭ହଜାର ୬୫୯ଟି ସ୍କୁଲରେ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ଜିଲ୍ଲାୱାରୀ ରିପୋର୍ଟ ଅନୁଯାୟୀ, ଅନୁଗୁଳ ଜିଲ୍ଲାରେ ୧୦୫୩ଟି ସ୍କୁଲରେ ବିଦ୍ୟୁତ ସଂଯୋଗ ନଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ୧୩୩୬ଟି, ବରଗଡ଼ରେ ୧୧୩୬ଟି, ଭଦ୍ରକରେ ୯୧୭ଟି, ବଲାଙ୍ଗିରରେ ୧୭୩୬ଟି, ବୌଦ୍ଧରେ ୪୬୯, କଟକରେ ୧୨୮୦, ଦେଓଗଡ଼ରେ ୩୯୮, ଢେଙ୍କାନାଳରେ ୧୦୩୧ଟି, ଗଜପତିରେ ୯୫୭, ଗଞ୍ଜାମରେ ୧୮୦୦, ଜଗତସିଂହପୁରରେ ୫୭୯, ଯାଜପୁରରେ ୧୪୩୮, ଝାରସୁଗୁଡାରେ ୪୦୧, କଳାହାଣ୍ଡିରେ ୧୯୪୩, କନ୍ଧମାଳରେ ୧୫୧୯, କେନ୍ଦ୍ରାପଡ଼ାରେ ୧୦୮୧, କେନ୍ଦୁଝରରେ ୧୯୮୯, ଖୋର୍ଦ୍ଧାରେ ୭୮୨, କୋରାପୁଟରେ ୨୧୬୬, ମାଲକାନଗିରିରେ ୯୬୫, ମୟୁରଭଞ୍ଜରେ ୩୨୧୧, ନବରଙ୍ଗପୁରରେ ୧୬୦୨, ନୟାଗଡ଼ରେ ୬୬୨, ନୂଆପଡ଼ାରେ ୭୭୫, ପୁରୀରେ ୧୩୫୮, ରାୟଗଡାରେ ୧୫୭୩, ସମ୍ବଲପୁରରେ ୯୬୯, ସୋନପୁରରେ ୬୭୪, ସୁନ୍ଦରଗଡ଼ରେ ୧୮୫୯ଟି ସ୍କୁଲରେ ବିଦ୍ୟୁତ ସଂଯୋଗ ନାହିଁ। ଅପରପକ୍ଷେ କିଛି ସ୍କୁଲର ପ୍ରଧାନ ଶିକ୍ଷକଙ୍କ କହିବା ଅନୁଯାୟୀ, ରାଜ୍ୟର ଅନେକ ସ୍କୁଲର ବିଦ୍ୟୁତ ବିଲ ପୈଠ କରାଯାଇନଥିବାରୁ ବିଦ୍ୟୁତ ସଂଯୋଗ ମଧ୍ୟ କାଟି ଦିଆଯାଇଛି। ସ୍କୁଲରେ ଯେଉଁ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା ହେଉଛି; ତାହାର ବିଲ ପୈଠ ଲାଗି ମଧ୍ୟ କୌଣସି ବ୍ୟବସ୍ଥା ନାହିଁ। ଅନେକ ସମୟରେ ସ୍କୁଲ୍‌ର ବିକାଶ ଲାଗି ଯେଉଁ ଅର୍ଥ ମିଳିଥାଏ ସେଥିରେ ବିଦ୍ୟୁତ ବିଲ୍ ପୈଠ କରାଯାଇଥାଏ। ବିଦ୍ୟୁତ ବିଲ ପୈଠ ଲାଗି ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା ନଥିବାରୁ ଅନେକ ସ୍କୁଲରେ ବହୁ ଟଙ୍କା ବକେୟା ରହିଛି। ଗଣଶିକ୍ଷା ବିଭାଗର ଅଧିକାରୀଙ୍କ କହିବା ଅନୁଯାୟୀ, ଗତ କିଛି ବର୍ଷ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଲାଗି ସ୍କୁଲଗୁଡିକ ଶୀଘ୍ର ଛୁଟି ହେବା ଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ଏକାଡେମୀକ କ୍ୟାଲେଣ୍ଡର ଅନୁଯାୟୀ କୋର୍ସ ଶେଷ ହୋଇପାରୁନଥିଲା। ଏପରି ସମସ୍ୟାକୁ ଗୁରୁତ୍ୱ ଦେଇ ଗଣଶିକ୍ଷା ବିଭାଗ ଏପରି ନିଷ୍ପତ୍ତି ନେଇଛି। ପୂର୍ବରୁ ମଧ୍ୟ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମାତ୍ର କରୋନା ଲାଗି ଯୋଜନା ଅଧାରେ ରହିଥିଲା। ସ୍କୁଲ ବନ୍ଦ ଥିବାରୁ ରିପୋର୍ଟ ପ୍ରସ୍ତୁତି କରିବା ସମ୍ଭବ ନଥିଲା। ତେବେ ତେଣୁ କେଉଁ ସବୁ ସ୍କୁଲରେ ବିଦ୍ୟୁତ ସଂଯୋଗ ଅଧାରେ ଲଟକିଛି ଏବଂ କେଉଁ ସବୁ ସ୍କୁଲକୁ ଆଦୌ ସଂଯୋଗୀକରଣ କରାଯାଇ ନାହିଁ ତାହାର ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାର୍ଚ୍ଚ ୨ୟ ସପ୍ତାହ ସୁଦ୍ଧା ଏହି ଯାଞ୍ଚ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଲାଗି ମଧ୍ୟ କୁହାଯାଇଛି। ତେଣୁ ବିଦ୍ୟୁତ୍ ସଂଯୋଗ ଲାଗି ଅବଶ୍ୟକ ବିଭାଗ ସହ ଯୋଗସୂତ୍ର କରାଯାଇ ପ୍ରକ୍ରିୟା ଶେଷ କରିବାକୁ ନିଷ୍ପତ୍ତି ହୋଇଛି।

### ଓଡ଼ିଶାରେ କମିଛି ...

ଆଣିପାରିଛି ବୋଲି କହିଥିଲେ। ଏହି ଅବସରରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ ଆଲୋଚନା କରିଥିଲେ। ଅତିରିକ୍ତ ଡିଜି ସିଆଇଡି କ୍ରାଇମବ୍ରାଂଚଙ୍କ ଦ୍ୱାରା ଅପରାଧ ସ୍ଥିତି ଉପରେ ଆଲୋକପାତ କରାଯାଇଥିବା ବେଳେ ଖାଦ୍ୟ ଅପମିଶ୍ରଣ ଧରପଗଡ, ବେଆଇନ ଖଣି ଚୋରା କାରବାର, କୋଇଲା ଚୋରି ଉପରେ ନିଆଯାଇଥିବା ପଦକ୍ଷେପକୁ ଡିଜିପି ପ୍ରଶଂସା କରିଥିଲେ। ଶେଷରେ ଶ୍ରୀ ଅଭୟ ଗୁଣାତ୍ମକ ତଦନ୍ତ ଓ ଏହାର ଆହ୍ୱାନ ସହିତ ୫-ଟି, ଆଇପିଏଲ ବେଟିଂ ଧରିବା, ଗଞ୍ଜାମର ସୁନାଗହଣା ଲୁଟ୍, କଟକର ଆଇଆଇଏଫଏଲ ଘଟଣା, ଭୁବନେଶ୍ୱର ବ୍ୟାଙ୍କ ଡକାୟତି ଘଟଣାର ତଦନ୍ତ କରି ବରିଷ୍ଠ ଅଧିକାରୀମାନେ ନେଇଥିବା ପଦକ୍ଷେପକୁ ସେ ପ୍ରଶଂସା କରିବା ସହିତ ନିଶାଦ୍ରବ୍ୟ ଚୋରା ଚାଲାଣ, ଏସଟିଏଫ ଦ୍ୱାରା ବ୍ରାଉନସୁଗାର ଜବତ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୟୁଜ ଅଫ୍ ଫୋରେନସିକ୍ସ ଆଣ୍ଡ ଟେକ୍ନିକାଲ ଏଡସ୍ ଉପରେ ଗୁରୁତ୍ୱ ଦେଇଥିଲେ।

### 'ମା' ଆଗେଇଲେ ...

ସଂରକ୍ଷଣ ବ୍ୟବସ୍ଥା କରିଛି। ଏପରିକି ୨୦୧୯ ଲୋକସଭା ନିର୍ବାଚନରେ ୩୩% ମହିଳାଙ୍କୁ ଦଳ ଟିକେଟ ଦେଇଛି। କିନ୍ତୁ ଜାତୀୟ ଦଳ ମହିଳାଙ୍କୁ ନେଇ ନିଜର ଇସ୍ତାହାରରେ ବହୁତ ବଡ ବଡ କଥା କୁହନ୍ତି। କିନ୍ତୁ ନିର୍ବାଚନ ସରିବା ପରେ ସବୁ ଭୁଲି ଯାଆନ୍ତି। ଏଭଳି କହି ଜାତୀୟ ଦଳର ମହିଳାଙ୍କ ଉପରେ ଫୋକସ ନ ଥିବା ବାର୍ତ୍ତା ଦେଇଛନ୍ତି ନବୀନ। ସେ କହିଛନ୍ତି ଯେ, ବିଜେଡି ଆଞ୍ଚଳିକ ଦଳ ହେଲେ ମଧ୍ୟ ଲୋକସଭା ଓ ବିଧାନସଭାରେ ମହିଳାଙ୍କୁ ୩୩% ସଂରକ୍ଷଣ ଦେବାକୁ ସଂସଦରେ ଦାବି କରିବ। ବିଧାନସଭା, ରାଜ୍ୟସଭା ଓ ଲୋକସଭାର ପ୍ରତି ଅଧିବେଶନରେ ମହିଳାଙ୍କ ସଂରକ୍ଷଣ କଥା ଜାତୀୟ ଦଳକୁ ମନେ ପକାଇଦେବ। ମହିଳାଙ୍କୁ ହକ୍ ମିଳିବା ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜାତୀୟ ସ୍ତରରେ ଲଢ଼େଇ ଜାରି ରଖିବ ବିଜେଡି। ସବୁ ମହିଳାଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ସହ ଓ ଗାଁ ଗାଁରେ ମହିଳାଙ୍କୁ ସଚେତନ କରାଯିବ। ଏପରିକି ଏହାକୁ ଏକ ଆନ୍ଦୋଳନର ରୂପ ଦିଆଯିବ ବୋଲି ନବୀନ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଦୁର୍ନୀତିର ମୂଳୋତ୍ପାଟନ କରିଛନ୍ତି, ଯେଉଁଥିପାଇଁ ଏ ଦଳ ଆଗକୁ ଆଗକୁ ବଢ଼ିଚାଲିଛି। ସେ ଭୋଟର ଭୂଗୋଳର ଚିତ୍ର ପରିବର୍ତ୍ତନ କରିଛନ୍ତି। ଏବେ ଦଳ ପାଇଁ ପ୍ରତ୍ୟେକ କର୍ମୀ ଅତି କମରେ ୪ ରୁ ୫ ଘଣ୍ଟା ସମୟ ଦେବାକୁ ଆହ୍ୱାନ ଦେଇଛନ୍ତି।

### ଆଉ ୩ ମାସ ...

ଫିଟନେସ, ପରମିଟ (ସମସ୍ତ ପ୍ରକାରର), ଲାଇସେନ୍ସ, ପଞ୍ଜୀକରଣ କିମ୍ବା ଏ ସଂକ୍ରାନ୍ତ ଅନ୍ୟ କୌଣସି କାଗଜପତ୍ରର ବୈଧତା ୩୧ ଡିସେମ୍ବର, ୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ଜାରି ହୋଇଥିବା ମାର୍ଗଦର୍ଶିକାରେ କୁହାଯାଇଛି, କୋଭିଡ୍ ସଂକ୍ରମଣକୁ ପ୍ରତିହତ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ପରାମର୍ଶ ଦିଆଯାଉଛି ଯେ, ଉପରୋକ୍ତ ସମସ୍ତ କାଗଜପତ୍ର ୩୧ ମାର୍ଚ୍ଚ, ୨୦୨୧ ପର୍ଯ୍ୟନ୍ତ ବୈଧ ବୋଲି ବିଚାର କରାଯିବ। ଏଥିରେ ସେସବୁ କାଗଜପତ୍ର ମଧ୍ୟ ସାମିଲ ରହିଛି ଯାହାର ବୈଧତା ୧ ଫେବୃଆରୀ, ୨୦୨୦ ପରଠାରୁ ଶେଷ ହୋଇସାରିଛି କିମ୍ବା ୩୧ ମାର୍ଚ୍ଚ, ୨୦୨୧ ସୁଦ୍ଧା ଶେଷ ହେବ। ଏଥିରେ କୁହାଯାଇଛି, ପ୍ରବର୍ତ୍ତନ ଅଧିକାରୀମାନଙ୍କୁ ଏପରି କାଗଜପତ୍ରକୁ ୩୧ ମାର୍ଚ୍ଚ, ୨୦୨୧ ପର୍ଯ୍ୟନ୍ତ ବୈଧ ବୋଲି ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ନାଗରିକମାନଙ୍କୁ ସାମାଜିକ ଦୂରତା ବଜାୟ ରଖି ପରିବହନ ସମ୍ବନ୍ଧୀୟ ସେବାର ଲାଭ ଉଠାଇବାରେ ଏହା ସହାୟତା କରିବ। ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ଗୁଡିକୁ ଏହି ମାର୍ଗଦର୍ଶିକାକକୁ ମୂଳଭାବନା ସହିତ କାର୍ଯ୍ୟକାରୀ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ଯାହାଫଳରେ ନାଗରିକ, ଟ୍ରାନ୍ସପୋର୍ଟର ଏବଂ ବିଭିନ୍ନ ଅନ୍ୟ ସଂଗଠନ ଗୁଡିକୁ ସୁବିଧା ମିଳିପାରିବ। ବିଶେଷକରି କୋଭିଡ୍ ମହାମାରୀ ସମୟରେ କଠିନ ପରିସ୍ଥିତି ଦେଇ ଗତି କରୁଥିବାରୁ ଏହାଦ୍ୱାରା ସେମାନଙ୍କର ସମସ୍ୟା ଅନେକାଂଶରେ ଦୂର ହୋଇପାରିବ ବୋଲି ଆଶା କରାଯାଉଛି।

# ଖରିଫ ଧାନ ସଂଗ୍ରହ ପାଇଁ ଖୋଲିବ ମଣ୍ଡି; ବେପାରୀ ମାଲାମାଲ

**ଜଗତସିଂହପୁର :** ଜିଲ୍ଲାରେ ଚାଷୀ ମାନଙ୍କଠାରୁ ଖରିଫ ଧାନ ସଂଗ୍ରହ ପାଇଁ ପ୍ରତି ବ୍ଲକ ମାନଙ୍କରେ ମଣ୍ଡି ଖୋଲାଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ଭାଗ ଚାଷୀ ମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବହୁ ସ୍ଥାନରେ ବଡ ବଡ ଜମି ମାଲିକମାନେ ନିଜେ ଚାଷ ନକରି ଗରୀବ, ମୂଲିଆ ଶ୍ରେଣୀର ଲୋକମାନଙ୍କୁ ଭାଗ ହେଉ ବା କାଟରେ ଦେଉଥିବାବେଳେ ସେହି ଗରିବ ଲୋକମାନଙ୍କଠାରୁ ଦାନ ବେପାରୀମାନେ କମ ମୂଲ୍ୟରେ ଧାନ ସଂଗ୍ରହ କରି ଜମି ମାଲିକମାନଙ୍କ ମଣ୍ଡି ଖାତାରେ ଧାନ ଦେଇ ମାଲା ମାଲ୍ ହେଉଛନ୍ତି। ଗରୀବ ଭାଗ ଚାଷିମାନେ ଧାନ ବିଲରେ ଖର୍ଚ୍ଚ କରିଥିବା ଟଙ୍କାର ପାରିଶ୍ରମିକ ମୂଲ୍ୟ ମଧ୍ୟ ପାଇପାରୁନାହିଁ। ସେହିପରି କେତେକ ଜମି ମାଲିକ ମାନେ ନିଜ ଜମି ମାନଙ୍କରେ ଧାନ ଚାଷ ନକରି ଆଖୁ ଚାଷ କରିବା, ପୋଖରୀ ଖୋଳି ମାଛ ଚାଷ କରିବା, ବହୁ ସ୍ଥାନରେ ଘରବାରି କରିଦେବା ଏପରିକି କୁକୁଡା ଫାର୍ମ କରୁଥିବା ବେଳେ ସେହି ଜମି ପଟ୍ଟା ବଳରେ ବି ମଣ୍ଡିରେ ଧାନ ବିକ୍ରୟ କରିବା ସକ୍ଷମ ହେଉଛନ୍ତି। ଏ ସବୁ ଘଟଣାରେ ରାଜସ୍ୱ ନିରିକ୍ଷକ ଓ ସେବା ସମବାୟ ସମିତି କର୍ମଚାରୀ ମାନେ ଜାଣୁଥିଲେବି ହାତ ଗୁଞ୍ଜା ବେପାରୀ ମାନଙ୍କଠାରୁ ନେଇ ଚୁପ ହୋଇ ବସୁଥିବା ବେଳେ ଗରୀବ ଚାଷୀମାନେ ମଣ୍ଡିରେ ଧାନ ଦେବାପାଇଁ ସକ୍ଷମ ହୋଇପାରୁ ନାହାନ୍ତି। ସରକାର ଧାନ କୁ ଭଲ ଭାବେ ଶୁଖାଇ ଓ ସଫାକରି ଧାନର ଗୁଣାତ୍ମକ ମାନ ଏବଂ ଏକ କିସମର ଧାନ ଦେବାକୁ ଚାଷୀ ମାନଙ୍କୁ କହୁଥିବା ବେଳେ ଭାଗ ଚାଷୀମାନଙ୍କ ଧାନକୁ ବେପାରୀ ମାନେ ନେଇ ମଣ୍ଡିରେ ଦେବାର ଏକ ପ୍ରକାର ସକ୍ଷମ ହେଉଥିବାବେଳେ ଏଠାରେ ମଣ୍ଡି ନିରୁପଣ କରାନଯାଇ ବେପାରୀ ମାନଙ୍କଠାରୁ ଧାନ ସଂଗ୍ରହ କିପରି କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏପରିକି ବର୍ଷା ଦିନରେ ଧାନ ବିଲରେ ପାଣି ଜମିରହି କ୍ଷୟ କ୍ଷତି ହେଉଥିବାରୁ ଚାଷୀ ମାନଙ୍କୁ ସରକାର ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିବାବେଳେ କ୍ଷତି ଗ୍ରସ୍ତ ବିଲ ମାନଙ୍କରୁ ଧାନ କିପରି ହେଉଛି ଓ ସେମାନେ ମଣ୍ଡିରେ ଧାନ କିପରି ଦେଉଛନ୍ତି ନେଇ ସବୁଆଡେ ବିବାଦ ଲାଗିରହିଥିବାବେଳେ ରାଜସ୍ୱ ନିରିକ୍ଷକ, କୃଷି ବିଭାଗ କର୍ମଚାରୀ ଓ ସେବା ସମବାୟ ସମିତି କର୍ମଚାରୀ ସବୁ ଜାଣିବି ନିରବ ଦ୍ରଷ୍ଟା ସାଜୁଛନ୍ତି। କେତେକ ଜମି ମାଲିକ ମାନେ ଜମି ବିକ୍ରୟ କରିସାରିଥିବା ବେଳେ କ୍ରୟ କରିଥିବା ବ୍ୟକ୍ତି ଦାଖଲ ଖାରଜ କରିନଥିବାରୁ ସେହି ପଟ୍ଟାବଳରେ ବି ମଣ୍ଡିରେ ଧାନ ଦେଇ ପାରୁଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟଯେ ସମଗ୍ର ରାଜ୍ୟରେ ୬୬ଗୋଟି ନିୟନ୍ତ୍ରୀତ ବଜାର କମିଟି ଥିବାବେଳେ ଜଗତସିଂହପୁରରେ ମାତ୍ର ୨ ଗୋଟି ବଜାର କମିଟି କାର୍ଯ୍ୟ କରୁଛି। ଜଗତସିଂହପୁର ନିୟନ୍ତ୍ରୀତ ବଜାର କମିଟି ଅଧିନରେ ବାଲିକୁଦା ବ୍ଲକ, ନାଉଗାଁ ବ୍ଲକ, ଜଗତସିଂହପୁର ବ୍ଲକ, ବିରିଡି ବ୍ଲକ, ରଘୁନାଥପୁର ବ୍ଲକ ଓ ତିର୍ତ୍ତୋଲ ବ୍ଲକ କାର୍ଯ୍ୟ କରୁଥିବା ବେଳେ ରାହାମା ନିୟନ୍ତ୍ରୀତ ବଜାର କମିଟି ଅଧିନରେ କୁଜଙ୍ଗ ବ୍ଲକ ଓ ଏରସମା ବ୍ଲକ କାର୍ଯ୍ୟ କରୁଛି। ଜଗତସିଂହପୁର ପରି ଏକ ଚାଷୀ ପ୍ରାଧାନ୍ୟ ଜିଲ୍ଲାରେ ଆଉ ତିନି ଗୋଟି ନିୟନ୍ତ୍ରୀତ ବଜାର କମିଟି ଖୋଲିବାକୁ ସାଧାରଣରେ ଦାବୀ ହେଉଛି। ଯଦି ଏ ଦିଗରେ ସରକାର କୌଣସି ନିଷ୍ପତ୍ତି ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ଖଟିଖିଆ ଦିନ ମଜୁରିଆ ବି ବିଲକୁ ଯାଇ ଆଉ ଚାଷ କାର୍ଯ୍ୟ କରିବାକୁ ରାଜି ହେବେ ନାହିଁ।

# ଓଲୋବର ଦେଓଝରର ପର୍ଯ୍ୟଟନ କ୍ଷେତ୍ର ଲୋକାର୍ପଣ

**ନରସିଂହପୁର :** କଟକ ଜିଲ୍ଲା ନରସିଂହପୁର ବ୍ଲକର ଏକାଧିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ବଜାୟ ରଖିଥିବା ବେଳେ ସେଥି ମଧ୍ୟରୁ ଓଲୋବର ଦିଅଁଝର ପର୍ଯ୍ୟଟନ କ୍ଷେତ୍ର ଭାବେ ଅନ୍ୟତମ। ଉକ୍ତ ପର୍ଯ୍ୟଟନ କ୍ଷେତ୍ର କୁ ଲୋକାର୍ପଣ ଅବସରରେ ଉଦଘାଟକ ଭାବେ ରାଜ୍ୟ ପର୍ଯ୍ୟଟନ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ , ସାଂସଦ କଟକ ଭର୍ତ୍ତୃହରୀ ମହତାବ, ମୁଖ୍ୟ ପୁରୋଧା ଭାବେ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ କଟକ ଭବାନୀ ଶଙ୍କର ଚଇନି, ଙ୍କ କରକୋମଳରେ ଉକ୍ତ ପର୍ଯ୍ୟଟନ କ୍ଷେତ୍ରକୁ ଉଦଘାଟନ କରାଯାଇ ଲୋକାର୍ପିତ କରାଯାଇଛି। ଉକ୍ତପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ସୌନ୍ଦର୍ଯ୍ୟ ପୁର୍ଣ୍ଣ କରିବା ନିମନ୍ତେ ଏକ ଶିଶୁ ଉଦ୍ୟାନ କୁ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ଫିତା କାଟି ଉଦଘା;ନ କରିଥିଲେ। ଅୟୋଜିତ ଉତ୍ସବରେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ଆୟୋଜିତ ଉତ୍ସବରେ ଉଦଘାଟକ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ନରସିଂହପୁରରେ ଦେଓଝର ପର୍ଯ୍ୟଟକ ର ବିକାଶ ପ୍ରକୃତି କୋଳକୁ ଫେରିଯିବାର ଏକ ଆହ୍ୱାନ ସୃଷ୍ଟି କରିଛି। ଏହି ନିର୍ବାଚନ ମଣ୍ଡଳିରେ ପ୍ରକୃତିକୁ ଭଲପାଇବା ଭଳି ଭରପୁର ପର୍ଯ୍ୟଟନ ସ୍ଥଳୀ ରହିଛି। ଅଞ୍ଚଳ ର ଜନ ସାଧାରଣ ପର୍ଯ୍ୟଟକ ଙ୍କୁ ଆଦର ଓ ଆକୃଷ୍ଟ କରିପାରିଲେ ପର୍ଯ୍ୟଟନ ର ବିକାଶ ସହ ଅଞ୍ଚଳ ର ବିକାଶ ହୋଇପାରିବ ବେଲି ମତ ବ୍ୟକ୍ତ କରିଥିଲେ। ଉତ୍ସବର ମୁଖ୍ୟ ଅତିଥି ଭାବେ ସାଂସଦ ଶ୍ରୀ ମହତାବ



୧୮ ବର୍ଷ ତଳେ କଟକ ଜିଲ୍ଲା ର କଳଙ୍କ ପାଲଟି ଥିବା ଓଲୋବ ପଞ୍ଚାୟତରେ ପ୍ରଗତି ଆଗେଇ ଚାଲିଛି। ପ୍ରକୃତି କୋଳରେ ଦେଓଝର ପ୍ରଦୁଷଣ ରହିତ ହେବା ଭଳି ସମସ୍ତ ବ୍ୟବସ୍ଥା କରାଯିବା ସହ ସ୍ଥାନୀୟ ଯୁବ ଗୋଷ୍ଠିଙ୍କୁ ସ୍ୱବଲମ୍ବୀ କରିବା ଦିଗରେ ଗୁରୁତ୍ୱ କୁ ନେଇ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ପୁରୋଧା ବିଧାୟକ ଶ୍ରୀ ମିଶ୍ର ପର୍ଯ୍ୟଟନ ବିକାଶ ର ଇଞ୍ଜିନ ଭାବେ ଦେଓଝର ବୋଲି ପ୍ରକାଶ କରିବା ସହିତ ଏହି ପର୍ଯ୍ୟଟନ କ୍ଷେତ୍ର ରାଜ୍ୟ ସ୍ତରରେ ମାନ୍ୟତା ପାଇ ପ୍ରସିଦ୍ଧ ଲାଭ କରିଛି ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ ଉତ୍ସବରେ ବିଡିଓ ପ୍ରଦିପ କୁମାର ସାହୁ, ତହସିଲ ଦାର ଆଲୋକ କୁମାର ଦେହୁରୀ, ବ୍ଲକ ଉପାଧକ୍ଷା ସୁନୀତା ସ୍ୱାଇଁ , ଜିଲ୍ଲା ପରିଷଦ ସଭ୍ୟ ନିର୍ମଳ କୁମାର ଜେନା, ଓଲୋବ ଗ୍ରାମ ପଞ୍ଚାୟତ ସରପଞ୍ଚ ଗଙ୍ଗାଧର ବେହେରା, ସମିତି ସଭ୍ୟ ବିରଞ୍ଚି ନାରାୟଣ ଗଡନାୟକ ପ୍ରମୁଖ ଉପସ୍ଥିତି ରହି ପରିଚାଳନା କରିଥିଲେ। ଶେଷରେ ପୂର୍ବତନ ସରପଞ୍ଚ ରତ୍ନାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ରଘୁନାଥପୁର :** ରଘୁନାଥପୁର ଅଂଚଳର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରର ୧୯୮୩ମସିହା କନିଷ୍ଠ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୁରଣ ଓଡପଡାସ୍ଥିତ ପ୍ରମିଳା ମଣ୍ଡପ ପରିସରରେ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାମନ୍ଦିରର ପୂର୍ବତନ ଶିକ୍ଷକ ଅଜୟ କୁମାର ନନ୍ଦ, ବାବାଜୀ ଚରଣ ସାହୁ, ସୁନାକର ମହାନ୍ତି, ଫକୀର ଚରଣ ଜେନା, ବିଜୟଲକ୍ଷ୍ମୀ ମହାନ୍ତି, ଗୋଲେଖ ଚନ୍ଦ୍ର ବେହେରା, ରବୀନ୍ଦ୍ର ସ୍ୱାଇଁ, ନୃସିଂହ ଚରଣ ପରିଡା ଓ ପିଅନ ଗୁଣନିଧି ବାରିକ ଙ୍କୁ ଛାତ୍ରଛାତ୍ରୀମାନେ ଉକ୍ତ ଉତ୍ସବକୁ ନିମନ୍ତ୍ରିତ କରାଇ ଉତ୍ତରୀୟ ଓ ମାନପତ୍ର ପ୍ରଦାନପୂର୍ବକ ଗୁରୁପୂଜା କରାଯାଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ଦିବ୍ୟଂଗତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସ୍ମୃତିଚାରଣ କରାଯାଇ ୨ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମିକାନ୍ତ ସେନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଡଃ ଭାସ୍ୱତକାନ୍ତି ସେନଗୁପ୍ତ, ଅଭିଜିତ ଘୋଷ, ସତ୍ୟଭୂଷଣ ନନ୍ଦ, ଦୀନବନ୍ଧୁ ରାଉତ, ଜ୍ୟୋସ୍ନାରାଣୀ ମହାପାତ୍ର, ବାସୁଦେବ ବାରିକ, ପ୍ରଣବ କିଶୋର ପଣ୍ଡା, ରଂଜନ କୁମାର ପଣ୍ଡା, ଅକ୍ଷୟ କୁମାର ପୃଷ୍ଟି, ଓମ୍ ପ୍ରକାଶ ମିଶ୍ର, ପ୍ରତାପ ଦାସ, ବିଷ୍ଣୁ ଦାସ, ବୃନ୍ଦାବନ ସେନାପତି, ସ୍ୱର୍ଣ୍ଣ ମହାପାତ୍ର ଲତା ସାହୁ, ସସ୍ମିତା ମହାପାତ୍ର, ମଧୁସ୍ମିତା ପଟ୍ଟନାୟକ, ସୂର୍ଯ୍ୟଶିଖା ମହାପାତ୍ର, ସୌଭାଗ୍ୟଲକ୍ଷ୍ମୀ ସାହୁ, ମଧୁମିତା ମହାନ୍ତି, କ୍ରୀଷ୍ଣା ମୁଖାର୍ଜୀ, ସବିତା ମିଶ୍ର, ସଂଧ୍ୟା ତ୍ରୀପାଠି, ଉର୍ମିଳା ସେନାପତି, ସୁଷମା ପରିଡା, ମୀରାରାଣି ନାୟକ, ଅନିତା କୁଅଁର, ଚନ୍ଦନା ରାୟ, ଶୈଳବାଳା ବେହେରା, ଭାରତୀ ବେହେରା, ପ୍ରମୁଖ ଛାତ୍ରଛାତ୍ରୀମାନେ ଯୋଗଦେଇଥିବା ବେଳେ ପ୍ରଣବ ପଣ୍ଡା ଗୁରୁଗଣଙ୍କ ପରିଚୟ ପ୍ରଦାନ ପୂର୍ବକ ମାନପତ୍ର ପଠନ କରିଥିଲେ। ସୁଦୁର ଏହ୍ଲାବାଦ୍ ରେ ସହପାଠିନୀ



ସଂଘମିତ୍ରା ଦାଶ ଅବସ୍ଥାନ କରୁଥିବାରୁ ଉକ୍ତ ଉତ୍ସବରେ ଯୋଗ ଦେଇନପାରି ବନ୍ଧୁମାନଙ୍କ ସହ ଭିଡିଓ କଲ୍ ମାଧ୍ୟମରେ ମିଳନ ହୋଇଥିଲେ। ବିଦ୍ୟାଧର ମହାନ୍ତି ଙ୍କ ଝିଅ ଦୀପାଲି ମହାନ୍ତି ଗୁରୁବନ୍ଦନା ଗାଇଥିଲେ। ନିଜଲେଖାରୁ ଗୁରୁ ଓ ଛାତ୍ରଛାତ୍ରୀଙ୍କ ପାଇଁ ବାସୁଦେବ ବାରିକ କବିତା ପଠନ କରିଥିଲେ। ଡଃ ଭାସ୍ୱତକାନ୍ତ ସେନଗୁପ୍ତ ସମାଜର କଲ୍ୟାଣ ତଥା ସାଙ୍ଗସାଥିମାନଙ୍କର ବିଭିନ୍ନ ସମସ୍ୟାର ଦୂରୀକରଣ ନିମନ୍ତେ ଏକ ଟ୍ରଷ୍ଟ୍ ତିଆରି କରାଯାଇ ବ୍ୟାଙ୍କ୍ ଜମାଖାତା କରି ବଳକା ଅର୍ଥକୁ ସଂଗୃହୀତ ଅର୍ଥ ଉକ୍ତ କାର୍ଯ୍ୟରେ ବିନିଯୋଗ କରାଯିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଯୋଗାଯୋଗ କରି ଆମ ବ୍ୟାଚ୍ କୁ ମଜବତ୍ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ। ଉକ୍ତ ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ କରତାଳି ସହ ସମର୍ଥନ କରିଥିଲେ। ଓମ୍ ପ୍ରକାଶ ମିଶ୍ରଙ୍କ ଭଉଣୀ ସୁଦେସ୍ନା ମିଶ୍ର(ମାନି) ଓ ଭିଣୋଇ ଶ୍ରୀକାନ୍ତ ପଣ୍ଡା(ଜୁନୁ) ମାନପତ୍ର ସହ ପରିଚୟ ପତ୍ର ସ୍ୱଳ୍ପସମୟ ମଧ୍ୟରେ ପ୍ରଦାନ କରିଥିବାରୁ ତାଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସଂଯୋଜକ ସୁଶାନ୍ତ ରାଉତଙ୍କ ଉଦ୍ୟମରେ ଶତାଧିକ ବନ୍ଧୁବାନ୍ଧବୀ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ। ଶେଷରେ ଡଃ ଭାସ୍ୱତକାନ୍ତି ସେନଗୁପ୍ତା ଗୁରୁ ଓ ଛାତ୍ରୀଛାତ୍ରମାନଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ।

# କୁରାଳ ସମାଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରା



ଜୟରାମ ସାହୁ

ସମାଜରେ ବ୍ୟକ୍ତିର ଦୋଷ ଓ ଗୁଣ ସହଅବସ୍ଥାନ ସୂତ୍ରରେ ମାର୍ଜିତ ହେଲେ ହୁଏ 'ସମାଜ' । ସ୍ୱ - ଭାବ ସମାଜରେ ସିଦ୍ଧହେଲେ, ହୁଏ 'ସଭ୍ୟତା' । ବିଚାର ଆଚାରରେ ସଂସ୍କାର ହେଲେ, ହୁଏ 'ସଂସ୍କୃତି' । ଅନୁଭୂତି, ଅଭିଜ୍ଞତାରେ କର୍ଷିତ ହେଲେ ହୁଏ 'ପରମ୍ପରା'। ପରମ୍ପରା - ଇତିହାସରେ ପ୍ରମାଣିତ ହେଲେ ହୁଏ 'ଐତିହ୍ୟ' । କୁମ୍ଭକାରମାନଙ୍କର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଅତ୍ୟନ୍ତ ଗୌରବମୟ ଏବଂ ପୌରାଣିକ ତତ୍ତ୍ୱର ନିଗୁଢ ବାର୍ତ୍ତା ବହନ କରେ । ଯୁଗେ ଯୁଗେ କୁମ୍ଭକାରମାନଙ୍କର ଐତିହ୍ୟ ଶାସ୍ତ୍ରମାନଙ୍କରେ ଉଜ୍ଜୀବିତ ହୋଇ ରହିଅଛି । କୁମ୍ଭକାରମାନଙ୍କର 'କୁରାଳ ପୁରାଣ' ଏହାର ନିଛକ ଉଦାହରଣ । ପୃଥିବୀର ସବୁ ଦେଶମାନଙ୍କରେଙ୍କର ଭାଣ୍ଡ ସର୍ଜନା ପଦ୍ଧତିର ରୂପରେଖ ବିଭିନ୍ନତା ଦେଖିବାକୁ ମିଳେ । କୁରାଳ ସମାଜର ଐତିହ୍ୟ ସର୍ବତ୍ର ସମ୍ମାନ ମାତ୍ର ଦେଶ, କାଳ ଓ ପାତ୍ରରେ ଏହାର ସଂସ୍କୃତି ଓ ପରମ୍ପରାରେ ଅଭିନ୍ନତା ଥିଲେ ମଧ୍ୟ ଅନେକ ଦେଶ ଓ ରାଜ୍ୟମାନଙ୍କରେ ପୃଥକ୍ ଥିଲା ପରି ମନେ ହୁଏ । ଉଦାହରଣ ସ୍ୱରୂପ କୁମ୍ଭକାରମାନଙ୍କର କୁରାଳ ପଂଚମୀ ପର୍ବ ଓଡିଶାରେ ମାର୍ଗଶୀର ମାସରେ ପାଳିତ ହେଉଥିଲା ବେଳେ ଆସାମ ଆଦି ରାଜ୍ୟମାନଙ୍କରେ ବୈଶାଖ ମାସରେ ଭିନ୍ନ ଢଙ୍ଗରେ ପାଳିତ ହୁଏ । ଉକ୍ତ ପର୍ବରେ ଉପକୂଳ ଅଂଚଳରେ କୁରାଳ ସମାଜରେ ବିଭିନ୍ନ ପ୍ରକାର ମୂର୍ତ୍ତୀ ପୂଜା କରାଯାଏ । ଯଥା ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଇଥାଏ । କିନ୍ତୁ ପଶ୍ଚିମ ଓଡିଶାରେ ଏହାର ଭିନ୍ନତା ଦେଖାଯାଏ । ଡକ୍ଟର ବେଣୀମାଧବ ପାଢୀଙ୍କ ମତରେ କୌଣସି ଜାତିର ଆହାର, ଆଚାର, ତଥା ଆରାଧନା, ପଦ୍ଧତିରେ ବିଭିନ୍ନତା ଓ ପରମ୍ପରା ହିଁ ସେ ଜାତିର ସଂସ୍କୃତିର ମୁଖ୍ୟ ଉପାଦାନ । ତତ୍ତ୍ୱକ୍ରମେ ଓଡ଼ ସଂସ୍କୃତିର ମହତର ପରିପ୍ରକାଶ ହିଁ ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି । ଓଡିଶାର କୁମ୍ଭକାର ସଂପ୍ରଦାୟର ମୂଳପୀଢି ହେଉଛି ପୃଥିବୀର ସର୍ବ ପ୍ରାଚୀନ ଭୂଖଣ୍ଡ ବିନ୍ଧ୍ୟଗିରୀଠାରୁ କୁମାରୀକା ପର୍ଯ୍ୟନ୍ତ । ତହି ମଧ୍ୟେ ମହେନ୍ଦ୍ରଗିରୀ , ଦଣ୍ଡକାରଣ୍ୟର ପାର୍ବତ୍ୟଅଂଚଳ ବୋଲି କେତେକ ଗବେଷକ ମତ ଦିଅନ୍ତି । ପରବର୍ତ୍ତୀ ସମୟରେ ଉପକୂଳ ଅଂଚଳକୁ ପରିବ୍ୟାପ୍ତ ହୋଇଛି । ପ୍ରମାଣ ସ୍ୱରୂପ ଉପକୂଳ ଓଡିଶାଠାରୁ ଆରମ୍ଭ କରି ଭାରତର ବିଭିନ୍ନ ରାଜ୍ୟମାନଙ୍କରେ ବାସୁଳେଇ ଠାକୁରାଣୀଙ୍କୁ କୁମ୍ଭକାରମାନେ ମାଟିଘୋଡା ଭେଟି ଦେବା ପ୍ରତିଷ୍ଠିତ ପରମ୍ପରା ମଧ୍ୟ ଲକ୍ଷଣୀୟ । ଜଗନ୍ନାଥ ସଂସ୍କୃତିର ବାସୁଳୀନାମା ଏକ ସ୍ୱତନ୍ତ୍ର ଶୈଳୀର ଲୋକଚିତ୍ର କଳା ବିକଶିତ ହୋଇଥିଲା । ଅଦ୍ୟାବଧି ଗ୍ରାମ ଦେବତୀ ପୀଠମାନଙ୍କରେ ମାଟି ଘୋଡାର ପ୍ରଚଳନ କୁରାଳ ସମାଜର ସର୍ବପ୍ରାଚୀନ ଐତିହ୍ୟ । ଏହି ପ୍ରସଙ୍ଗରେ ଆଉ ଏକ ପରମ୍ପରା ଲକ୍ଷଣୀୟ ଯେ ଶ୍ରୀମନ୍ଦିରରେ ତନ୍ତ୍ରମତେ ଜଗନ୍ନାଥ - ଭୈରବ ଅର୍ଥାତ୍ (ଜଗନ୍ନାଥ ସାକ୍ଷାତ୍ କାଳ ଭୈରବମ୍) । ଠାକୁରଙ୍କ ରୋଷେଇ ପାରମ୍ପରିକ କର୍ତ୍ତୀ ହେଲେ କାଳରାତ୍ରି ବା ଦକ୍ଷିଣ କାଳୀକା, ଲକ୍ଷ୍ମୀ ନୁହଁନ୍ତି । ଲକ୍ଷ୍ମୀଙ୍କର ସ୍ୱତନ୍ତ୍ର ରୋଷ ବ୍ୟବସ୍ଥା ଯେଉଁ ରୋଷ ପ୍ରସ୍ତୁତ ଦ୍ରବ୍ୟ ଠାକୁରଙ୍କୁ ଅର୍ପିତ ହେବାର ବିଧି ନାହିଁ । କିନ୍ତୁ ମାଟି ପାତ୍ରରେ ଶ୍ରୀ ଜୀଉଙ୍କର ରୋଷ ବ୍ୟବସ୍ଥା ସଂପନ୍ନ ହେବାର ବିଦ୍ଧି ଆବାହନମାନ କାଳରୁ ପ୍ରଚଳିତ ହୋଇଆସୁଅଛି । ପ୍ରଣୀଧାନ ଯୋଗ୍ୟ ଯେ ଆନ୍ଧ୍ର ଅଂଚଳ ସଂଲଗ୍ନ କୋରାପୁଟ ଜିଲ୍ଲାରେ ଓଡଗିରୀଜନଙ୍କ ଆଦିମ ଦେବ ପୂଜା ପରମ୍ପରାରେ ହାଣ୍ଡିଆଣି (ହାଣ୍ଡିମୂର୍ତ୍ତି) । ଭୈରବ ଆଦିଙ୍କର ଆଦିମ ଦେବାଦେବୀ ମୂର୍ତ୍ତୀ ଏବେ ମଧ୍ୟ ପୂଜା ପାଉଛନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତିରେ ବାହୁଡା ଏକାଦଶୀ ଦିନ ରଥରେ ଠାକୁରଙ୍କୁ ଅଧରଚୁମ୍ବୀ ପଣାପନ କେବଳ ମାଟିପାତ୍ର ଦ୍ୱାରା କରାଯାଇଥାଏ । ଶ୍ରୀ ମନ୍ଦିରରେ ଯେତେ ପ୍ରକାର ଅନ୍ନ ବ୍ୟଞ୍ଜନ ଆଦି ଭୋଗ ପ୍ରଚଳିତ ତାହା କେବଳ ମାଟି ପାତ୍ରରେ ପ୍ରସ୍ତୁତ ହୋଇଥାଏ, ଯାହାକି ଅମୃତମୟ ବ୍ୟଞ୍ଜନ ନିମନ୍ତେ ମାଟି ପାତ୍ରର ଉପାଦେୟତା



କୁମ୍ଭକାର ସଂପ୍ରଦାୟର ଐତିହ୍ୟକୁ ପ୍ରମାଣିତ କରେ । ମାଟିପାତ୍ରରେ ରୋଷେଇ କରାଯାଉଥିବା ଖାଦ୍ୟରେ ପୋଷକ ତତ୍ତ୍ୱ ଅକ୍ଷୁର୍ଣ୍ଣ ଥାଏ । ଯଦ୍ୱାରା ମଣିଷର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଏହା ବିଜ୍ଞାନସିଦ୍ଧ । ସେହି ଦୃଷ୍ଟିରୁ ମାଟିପାତ୍ରରେ ଶ୍ରୀ ଜଗନ୍ନାଥ ନିଜେ ଖାଉଛନ୍ତି ଏବଂ ମଣିଷ ଜାତିକୁ ଚେତାଇଛନ୍ତି । କିନ୍ତୁ ଆମେ ତାହା ନ ମାନିବାରୁ ରୋଗଗ୍ରସ୍ତ ହେଉଛୁ । ବିଶେଷତଃ ଓଡିଶା ରାଜ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଏ ଜାତି ଓତଃପ୍ରୋତ ଭାବେ ଜଡିତ । ଶ୍ରୀ ମନ୍ଦିରରେ ପ୍ରଚଳିତ ମାଦଳା ପାଞ୍ଜିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର ସେବନ ଖଟଣୀ ନିଯୋଗ କର୍ମାଙ୍ଗୀ ଅନୁଯାୟୀ ମାଦଳା ପାଞ୍ଜିର ଏକକିତା ନକଲ ଏମାର ମଠର ରଘୁନନ୍ଦନ ପାଠାଗାରରେ ଏବଂ ଅପରିକିତା ନକଲ ଦେଉଳ ପୁରୋହିତଙ୍କ ପାଖରେ ଥାଏ । ଗବେଷକ ଶ୍ରୀ ସିଦ୍ଧେଶ୍ୱର ମହାପାତ୍ରଙ୍କ ସଂଗୃହୀତ ବିବରଣୀରୁ ଜଣାଯାଏ ଯେ ରାଜଗୁର ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ବିବରଣୀରେ ଉଲ୍ଲେଖ ଅଛି ଯେ ଏ ବେହେରା କୁମ୍ଭାର ଆହ୍ଣିଆ ହାଣ୍ଡିପାତ୍ର, କଡୁଆ ତ । ତ ତେଲୁଣୀମାନ ଆଣି ରଖିବ । ନିତ୍ୟ ତେଲୁଣୀ ଓଳାଘଷା କରି ବଢାଅ । ର୍ଦି ର ସମ୍ଭ । ଳି ବଡସୁଆର ତୁଲେ ଦେବ । ଖୁଣକଟା ଥିଲେ କୋଠ କୁମ୍ଭାର ତାକୁ ସୁଧାରିବ । ଏ କୁମ୍ଭ । ର କୁଡିଆ ଆଦି ଗଣତି କରିବ । ଅଣସର ଘର ଚକଟା ହାଣ୍ଡି ଦେବ । ଅଧରପଣା ହାଣ୍ଡି ପୋଡପାଙ୍ଗି କରିଦେବ । ତାଡ ଆଦି ଅମଣିଆ କାଳେ ଥିଲେ, ରସପାତ୍ରମାନ ଆବଶ୍ୟକ ଥିଲେ ଜଗି ଜଣାଇଦେବ । ନିତ୍ୟ ମେଞ୍ଚାଏ କଞ୍ଚାମାଟି ଛାପ ମୁଦା ନିମନ୍ତେ ମୁଦୁଲି ତୁଲେ ଦେବ । ରାଜଗୁରୁ ବିବରଣୀମତେ କୁମ୍ଭାଜାତିର ଏ ଖଟଣୀର ଆଖ୍ୟା ଥିଲା । କୁମ୍ଭାର ନିଯୋଗ ବିଶୋଇ ଏବଂ ନିଯୋଗ ସହ ଆଧସ୍ତନ ରୂପେ କୁଡୁଆ ହାଣ୍ଡି ବୋହିବାକୁ ବୋଝିଆ ନାମକ ଏକ ସେବା ସଂଶ୍ଳିଷ୍ଟ ଥିଲା । ଶ୍ରୀ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କୁ ଓଢଣ ଷଷ୍ଠୀରେ ଉର୍ଣ୍ଣବାସ ଲାଗି କରାଯାଏ । ଏହି ଓଢଣ ଷଷ୍ଠୀରେ ସୁରାସନ ଚକ୍ରର ଜନ୍ମ ହୋଇଥିବାରୁ କୁମ୍ଭକାର ସଂପ୍ରଦାୟର କୁରାଳ ପଂଚମୀ ପର୍ବ ପାଳନ କରାଯାଏ । ଶ୍ରୀ ମନ୍ଦିରରେ ଚକ୍ରପୂଜା କରାଯାଇଥାଏ । ଯାହାକି କୁରାଳ ସମାଜର ଏହା ଏକ ଗୌରବମୟ ଐତିହ୍ୟ ଓ ପରମ୍ପରାର ଜ୍ୱଳନ୍ତ ପ୍ରମାଣ । ସୃଷ୍ଟି ଆରମ୍ଭରୁ ଜୀବଜଗତର ଖାଦ୍ୟ ପ୍ରସ୍ତୁତି ନିମନ୍ତେ ମାଟି ପାତ୍ର ନିର୍ମାଣ କରିବାକୁ ରୁଦ୍ରପାଳ କୁମ୍ଭକାରଙ୍କୁ ଭଗବାନ ସୃଷ୍ଟି କରିଛନ୍ତି । ରୁଦ୍ରପାଳ ଅର୍ଥ - ରୁଦ୍ର ଅର୍ଥାତ୍ ଇନ୍ଦ୍ରିୟ । ଇନ୍ଦ୍ରୀୟ ମାନଙ୍କୁ ଯେ ପାଳନ କରନ୍ତି ସେ ରୁଦ୍ରପାଳ । ତେଣୁ କୁମ୍ଭକାରମାନେ ମାନବ ସମାଜର ପାଳନ କର୍ତ୍ତା କହିଲେ ଅତୁକ୍ତି ହେବ ନାହିଁ । ଏହି ପାଳ ସାଙ୍ଗିଆଧାରୀ କୁମ୍ଭକାରମାନେ ପଶ୍ଚିମବଙ୍ଗରେ ବିଶେଷ ଦୃଷ୍ଟିଗୋଚର ହୁଅନ୍ତି ।



କୁରାଳ ସମାଜର ଅନନ୍ୟ ବୈଶିଷ୍ଟ୍ୟକୁରାଳ ପୁରାଣରେ ଦୃଷ୍ଟିଗୋଚର ହୁଏ । ଲେଖାର ସ୍ୱଳ୍ପତାକୁ ଦୃଷ୍ଟିରେ ରଖି କୁରାଳ ପୁରାଣର ଏକ ବିହଙ୍ଗାବଲୋକନ ଉଲ୍ଲେଖ କରାଯାଇଛି । ଆର୍ଯ୍ୟ ଋଷିମାନେ ବେଦକୁ ଚାରି ଭାଗରେ ବିଭକ୍ତ କରିଯାଇଛନ୍ତି । ଯଥା - ଋକ୍, ଶ୍ୟାମ, ଯର୍ଜୁ, ଅଥର୍ବ । ଏହି ଚାରିବେଦ ଉପରେ ଆଉ ଗୋଟିଏ ବେଦ ଅଛି ତାହା ହେଉଛି ଶିଶୁବେଦ ନାମରେ ନାମିତ । ଯେଉଁବେଦର ନାମ ଯୋଗବେଦ, ଅଜପାବେଦ, ଶିଶୁମ୍ନାବେଦ ବା ବ୍ରହ୍ମବେଦ ନାମରେ ଶୁଦ୍ରମୁନି ଶାରଳା ଦାସ ଅଭିହିତ କରିଛନ୍ତି । ଶିଶୁବେଦର ଅଧିକାରୀ ହେଉଛନ୍ତି ସ୍ୱୟଂ ଶିବ । ଯେଉଁ ବେଦ ଦ୍ୱାରା ମଣିଷ ବଞ୍ଚିରହେ, ଶବରୁ ଶିବତ୍ୱ ପ୍ରାପ୍ତି ହୁଏ, ଯାହାକୁ ଆମ୍ଭେ ଅନବରତ ଜପ କରି ଶରୀର ବଞ୍ଚାଇ ରଖିପାରିଛେ ସେ ହେଉଛି ଶିଶୁ ବେଦ । ନାଥ ସଂପ୍ରଦାୟର ଯୋଗୀମାନେ ଏହି ବେଦ ସାହାଯ୍ୟରେ ଅଜର ଅମର ହୋଇ ଯୋଗ ସାଧନ କରୁଥିଲେ । କୁରାଳ ପୁରାଣରେ ଏହି ଶିଶୁବେଦର ବର୍ଣ୍ଣନା ଦେଖିବାକୁ ମିଳେ । ଏପରି ଏକ ମହାନ୍ ବେଦର ଯୋଗତତ୍ତ୍ୱ କୁରାଳ ପୁରାଣରେ ଅବତାରଣା କରାଯିବ କମ୍ ଗୌରବର କଥା ନୁହେଁ । ଏହା କୁମ୍ଭକାର ସଂପ୍ରଦାୟର ଐତିହ୍ୟ ବହନ କରେ । ସମସ୍ତ ବେଦର ସାରତତ୍ତ୍ୱକୁ କୁରାଳ ପୁରାଣର ସୃଷ୍ଟି । ବେଦର ସାରତତ୍ତ୍ୱକୁ କୁରାଳ ପୁରାଣର ସୃଷ୍ଟି ।

ରୁଦ୍ରପାଳ ନିରାକାରଙ୍କଠାରୁ ଏହି ବ୍ରହ୍ମ ବେଦ ଜ୍ଞାନର ଅଧିକାରୀ ହୋଇଥିଲେ । ଯେଉଁ ମନ୍ତ୍ର ଗୁଡିକ କୁରାଳ ପୁରାଣରେ ବର୍ଣ୍ଣିତ ହୋଇଅଛି ତାହା ସମସ୍ତ ଶିଶୁ ବେଦରୁ ଜନ୍ମ । ଯେଉଁ ଶିଶୁବେଦ ତତ୍ତ୍ୱର ଅଧିକାରୀ ସ୍ୱୟଂ ଶେଷଦେବ ଶିବ, ସେହିମନ୍ତ୍ରର ଅଧିକାରୀ କୁରାଳ ଜାତି । ବ୍ରହ୍ମାଣ୍ଡରେ ଭାଣ୍ଡ ସର୍ଜନା ନିମିତ ନିଜର ପୂଜା ବିଧାନ ନିଜେ ରୁଦ୍ରପାଳଙ୍କୁ ଶିକ୍ଷାଦେଇ ବ୍ରାହ୍ମଣକନ୍ୟା ପ୍ରଦାନ କରି ବ୍ରାହ୍ମଣ କରାଇଛନ୍ତି । ଯେଉଁ ମନ୍ତ୍ର ଅଧିକାରୀ ବ୍ରାହ୍ମଣକୂଳ ସେହି ବେଦ ମନ୍ତ୍ର ଅଧିକାରୀ ମଧ୍ୟ କୁରାଳ କୂଳ ସମ୍ଭବ ରୁଦ୍ରପାଳ ଏବଂ ସେ ତ୍ରିଗୁଣ ପଇତାର ଅଧିକାରୀ ।

କୁ - ଅର୍ଥାତ୍ ପୃଥିବୀ । ପୃଥିବୀକୁ ଯେ ଲାଳନ ପାଳନ କରେ ସେ କୁଲାଳ ବା କୁରାଳ । ଏହି କୁଲାଳ ଶବ୍ଦ ଅପଭ୍ରଂଶ ହୋଇ କୁରାଳ ହୋଇଅଛି । ନିରାକାର ଇଷ୍ଟ ମନ୍ତ୍ର ମଧ୍ୟ କୁରାଳଙ୍କୁ ଦେଇଛନ୍ତି ।

ଓଁ ନିରାକାର ବ୍ରହ୍ମଭ୍ୟୋ ନମଃ । ନିରାକାର ପଞ୍ଚତ୍ମକ,
ଚକ୍ରବ୍ରହ୍ମ କୁରାଳସ୍ୟ ତ୍ୱମେବଂ
ଶରଣଂ ପ୍ରଭୁଃ ।

କୁରାଳ ସଂପ୍ରଦାୟ ହେଉଛନ୍ତି ଶିବମୟ ପରିବାର । ଅର୍ଥାତ୍
ଈଶ୍ୱର କଥିତଂ ବାକ୍ୟଂ ,ଶୃଣୁ ଶୃଣୁ
ବିନାୟକ ଘଟତେ ଜନ୍ମି ତୋୟଂ ତବ ପିତା
କୁରାଳଂ ।

ତେଣୁ ନିଜେ ସ୍ୱୟଂ ଶିବ ଗଣପତିଙ୍କୁ କୁରାଳ ପୁତ୍ର ବୋଲି ପରିଚୟ ଦେଇଛନ୍ତି । ଯେହେତୁ ମାତା ପାର୍ବତୀ ମାଟି କଳସରେ ରଜ ଦେଇ ଜୀବନ୍ୟାସ ଦେଇଥିବାରୁ କୁରାଳ ପୁତ୍ର ଅଟୁ । ଦେବ - ମାନବ ଆଦି ସର୍ବ ମାଙ୍ଗଳିକ କାର୍ଯ୍ୟରେ ମାଟି କଳସ ସ୍ଥାପନ କରି ଗଣେଶଙ୍କୁ ଆବାହନ କରି ଅନ୍ୟ ଦେବାଦେବୀଙ୍କୁ ପୂଜା କରିବାର ପୌରାଣିକ ଆଖ୍ୟାନ ଅଛି ।



ମୃଣ୍ମୟ ମୂର୍ତ୍ତି ଓ୍ୱଙ୍କର କୁମ୍ଭକାର ସଂପ୍ରଦାୟ ଯେ ସର୍ବାଗ୍ରେ, ତାହା ସର୍ବଜନ ବିଦିତ । ଶ୍ରୀ ଶ୍ରୀ ସପ୍ତସତୀ ଚଣ୍ଡି ଗ୍ରନ୍ଥର ବର୍ଣ୍ଣନା ଅନୁଯାୟୀ ସୁରଥ ରାଜା ଓ ସମାଧି ବୈଶ୍ୟ ନଦୀ ସଂଗମ ସ୍ଥଳରେ ମୃଣ୍ମୟୀ ଦେବୀ ପ୍ରତିମା ନିର୍ମାଣ କରି ଦେବୀସତ୍ତାକୁ ଅବତରଣ କରାଇ ସାଯୁଜ୍ୟ ମୁକ୍ତିଲାଭ କରିଥିଲେ । ବରାହ ମୂର୍ତ୍ତିକା ଦ୍ୱାରା ମୂର୍ତ୍ତି ନିର୍ମାଣ କରିବାକୁ କୁମ୍ଭକାରଙ୍କୁ ନିରାକାର ନିର୍ଦ୍ଦେଶ ଦେଇଥିଲେ ଏବଂ ସେହି ମାଟିରେ କୁମ୍ଭକାରମାନେ ମାଟିମୂର୍ତ୍ତୀ ଓ ମାଟିପାତ୍ର ତିଆରି କରିବାର ବିଧି ଶାସ୍ତ୍ର ସମ୍ମତ । ପ୍ରବନ୍ଧର ସ୍ୱଳ୍ପତାକୁ ଦୃଷ୍ଟିରେ ରଖି ସମସ୍ତ ତଥ୍ୟ ଉଲ୍ଲେଖ କରାଯାଇପାରୁ ନାହିଁ । ଅଧୁନା ସମାଜରେ ସଭ୍ୟତା ବିକାଶ ପଥରେ ସଂସ୍କୃତି କରଣ ପ୍ରକ୍ରିୟାରେ ଆଂଚଳିକ ଦେବାଦେବୀ ମାଟି ପ୍ରତିମା ପଥର ଓ ଧାତୁକୁ ରୂପାନ୍ତରିତ ହୋଇଛନ୍ତି ଏବଂ ଆଦିମ ଚେତନାର ଋଜୁ ଓ ସହଜ ତଥା ଅବୋଧଗତ ଅବୋଧ୍ୟ ରୂପ କଳ୍ପରୁ ଅଧିକରୁ ଅଧିକ ସୁବୋଧ, ଗୁଣ, ବର୍ଣ୍ଣନା ବିଭାଗଯୁକ୍ତ ହୋଇଛନ୍ତି । କେବଳ ଓଡିଶା ମାଟିର କୁମ୍ଭକାରମାନେ ମାଟିକଳା ବିଦ୍ୟାରେ ପାରଦର୍ଶିତା ଲାଭ କରିଥିଲେ । ମୂଳ ଅଷ୍ଟକ ସଂସ୍କୃତିର ଆଦିମ ଦିଅଁର ରୂପକଳ୍ପକୁ ତଥା ପୂଜା ପଦ୍ଧତିର ପରମ୍ପରା ମୌଳିକତାକୁ ବିବର୍ତ୍ତି ହେବାକୁ ନ ଦେଇ ବିଶେଷ ଯତ୍ନ ସହକାରେ ତାକୁ ନିଜର କୌଳିକ ବୃତ୍ତିଭାବେ ବଜାୟରଖି ଆସିଅଛନ୍ତି । ସଭ୍ୟତା ସ୍ରୋତରେ ଯଦିଓ କୁମ୍ଭକାର ସଂପ୍ରଦାୟ ନିଜର କୌଳିକ ବୃତ୍ତିକୁ ବଜାୟ ରଖିବାକୁ ରାହା ପାଉନାହାଁନ୍ତି, ତଥାପି ମାଟିକଳା ଯେ ସମାଜର ପ୍ରତିକ୍ଷେତ୍ରରେ, ଲୋକ ସଂସ୍କୃତିରେ, ଦେବାଦେବୀ ମନ୍ଦିରରେ ଓ ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ତାହାର ଅକ୍ଷୁର୍ଣ୍ଣତା ବଜାୟ ରଖିପାରିଛି ତାହା କୁମ୍ଭକାର ସଂପ୍ରଦାୟର ଗର୍ବ ଓ ଗୌରବ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପରିବର୍ତ୍ତିତ ସମାଜରେ ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ ମାଟିପାତ୍ରର ଚାହିଦା ହ୍ରାସ ପାଇଛି, ଯାହାକି କୌଳିକ ବୃତ୍ତିକୁ ଆପଣେଇ ଥିବା କୁମ୍ଭକାର ପରିବାର ଜୀବନ ଜୀବିକା ନିର୍ବାହରେ ଅସମର୍ଥ । ବର୍ତ୍ତମାନ ଟେରାକୋଟା ପାତ୍ର ତଥା ବିଭିନ୍ନ ପ୍ରକାର ସୌଖିନ ସାମଗ୍ରୀ ନିର୍ମାଣ ନିମନ୍ତେ ଆବଶକୀୟ ଟ୍ରେନିଂ କୁମ୍ଭକାର ପରିବାରମାନଙ୍କୁ ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ଦୃଢ ପଦକ୍ଷେପ ନେବା ଆବଶ୍ୟକ । କୁମ୍ଭକାର ପରିବାର ଏକ କୁଶଳୀ ଶିଳ୍ପୀର ମାନ୍ୟତା କୌଳିକ ବୃତ୍ତି ଦ୍ୱାରା ପ୍ରାପ୍ତ ହୋଇଥିବାରୁ ସେମାନଙ୍କୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ପରିଚୟ ପତ୍ର ପ୍ରଦାନର ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଆବଶକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସରକାରଙ୍କୁ ନିବେଦନ କରାଯାଉଛି । ପ୍ରକାଶ ଥାଉକି ଓଡିଶା ରାଜ୍ୟର ଗେଜେଟ୍ ନୋଟିଫିକେସନ୍‌ରେ କୁମ୍ଭକାରଜାତିକୁ ଶିଳ୍ପୀମାନ୍ୟତାର ଅନ୍ତର୍ଭୁକ୍ତ କରାଯାଇଛି ।

*ଶ୍ରୀ ଶ୍ରୀ ସପ୍ତସତୀ ଚଣ୍ଡି ତତ୍ତ୍ୱ ଗବେଷକ*
*ନିଶ୍ଚିନ୍ତକୋଇଲି, କଟକ*
*ମୋ - ୯୬୭୮୩୬୬୭୪୯*



# ମହାଔଷଧୀ ତାଳମୂଳିର ଚାଷ ପ୍ରଣାଳୀ



ନଳିନୀ କୁମାର ପଣ୍ଡା



***ତାଳମୂଳି:*** ତାଳମୂଳି ଏକ ତୃଣଜାତୀୟ ଔଷଧୀୟ ଉଦ୍ଭିଦ। ଏହା ସାଧାରଣତଃ ବରଗଛ ବା ମହୁଲ ଗଛ ମୂଳରେ ଉଠିଥିବାର ଦେଖାଯାଏ। ଏହାକୁ "କାଳୀ ମୁସୁଳୀ" ମଧ୍ୟ କୁହାଯାଏ। ବର୍ଷା ଆରମ୍ଭରେ ଏହା ଗ୍ରାମାଂଚଳରେ ଖଜୁରୀ ପତ୍ର ବା ଜଙ୍ଗଲୀ ପିଆଜର ପତ୍ରପରି ଦେଖିବାକୁ ମିଳିଥାଏ। ଏହାର ଉଚ୍ଚତା ୧-୧.୫ ଫୁଟ ମଧ୍ୟରେ ହୋଇଥାଏ। ଏହାର ଫୁଲ ଛୋଟ ଛୋଟ ହଳଦିଆ ରଙ୍ଗର ହୋଇଥାଏ। ଏହା "ଧଳା ମୁସୁଳୀ" ଠାରୁ ଅଧିକ ଉପକାରୀ ଅଟେ। ଏହାର କନ୍ଦା ମାଟିତଳୁ ୧ଫୁଟ ଗଭୀରରୁ ଖୋଳିଲେ ୧ଫୁଟ ଲମ୍ବାର ମିଳିଥାଏ। କନ୍ଦାର ଉପର ପରସ୍ତ କଳା ରଙ୍ଗର ହୋଇଥାଏ ଓ ଭିତର ଅଂଶ ଧଳା ଏବଂ ନରମ ହୋଇଥାଏ।

***ତାଳମୂଳିର ଉପକାରିତା:*** ଆର୍ଯୁବେଦିକ ଔଷଧ ରୂପରେ ଏହି କନ୍ଦାର ମହତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଏହା ମହା ଔଷଧୀ ନାମରେ ମଧ୍ୟ ଜଣାଶୁଣା। କାରଣ ଶରୀରର ପ୍ରତ୍ୟେକ ରୋଗ ଦୂର କରିବାର ସାମର୍ଥ୍ୟ ଏହି ଗଛରେ ରହିଥାଏ। ଆସନ୍ତୁ ଏହାର ଆଉ କେତେକ ଔଷଧୀୟ ଗୁଣ ବିଷୟରେ ଜାଣିବା - ୧) ତାଳମୂଳିର କନ୍ଦା ଯୌନ ଦୂର୍ବଳତା ଓ ଯୌନରୋଗ ଦୂର କରିବା ପାଇଁ ଏକ ଅନୁପମ ଔଷଧ ଅଟେ। ଏହି କନ୍ଦାର ୫ ଗ୍ରାମ ଚୂର୍ଣ୍ଣ କ୍ଷୀର ସହିତ କିଛିଦିନ ସେବନ କଲେ, ଏହାର ଲାଭ ଦେଖିବାକୁ ମିଳିଥାଏ। ୨) ତାଳମୂଳିର ଚୂର୍ଣ୍ଣ ଶକ୍ତି ବର୍ଦ୍ଧକ ଓ ପୃଷ୍ଟିଯୁକ୍ତ। ବୈଦ୍ୟଙ୍କ ପରାମର୍ଶ ଅନୁସାରେ କ୍ଷୀର ସହିତ ଏହାର ସେବନ କରିବା ଦରକାର। ୩) ୫ ଗ୍ରାମ ତାଳମୂଳି ଚୂର୍ଣ୍ଣ, ଗରମ କ୍ଷୀର ଓ ମିଶ୍ରି ମିଶାଇ କିଛିଦିନ ବ୍ୟବହାର କଲେ ପ୍ଲୀହା ରୋଗରୁ ମୁକ୍ତି ମିଳିଥାଏ। ୪) ଏହାର ଶୁଖିଲା ଚୂର୍ଣ୍ଣର ଧ୍ୱନି ନିଆଁରେ ଦେବା ଦ୍ୱାରା ସେଥିରୁ ବାହାରୁଥିବା ଧୂଆଁରୁ ଶ୍ୱାସ, କାଶ ଆଦି ରୋଗକୁ ସମାପ୍ତ କରାଯାଇପାରେ। ୫) ଏହାର କନ୍ଦାର ଚୂର୍ଣ୍ଣକୁ ଘିଅରେ ଭାଜି ସେବନ କରିବା ଦ୍ୱାରା ମୁଣ୍ଡବିନ୍ଧା ଶୀଘ୍ର ଦୂରହୁଏ। ୬) ଗଣ୍ଠି ଏବଂ ଅଂଟା ଦରଜରେ ଏହାର ଚୂର୍ଣ୍ଣ ସହିତ ତିଳ ତେଲ ମିଶାଇ ଗରମ କରି ଛାଣି ଲଗାଇଲେ ଗଣ୍ଠି ଓ ଅଂଟା ଦରଜରୁ ଶୀଘ୍ର ଉପଶମ ମିଳିଥାଏ। ୭) ପଥୁରୀ ରୋଗରେ, ଏହାର କନ୍ଦା ଚୂର୍ଣ୍ଣରେ ମିଶ୍ରି ମିଶାଇ ଏକ ଏକ ଚାମଚ କ୍ଷୀର ସହିତ ସେବନ କଲେ ପଥୁରୀ ଶୀଘ୍ର ଭାଙ୍ଗି ବାହାରିଯାଏ।

***ତାଳମୂଳିର ଚାଷ ପ୍ରଣାଳୀ:***

***ଚାରା ପ୍ରସ୍ତୁତି:-*** ନର୍ସରୀରେ କୌଣସି ଚାରା ତିଆରି କରାଯାଏ ନାହିଁ। ଜୁନ୍-ଜୁଲାଇ ମାସରେ ମୌସୁମୀ ବର୍ଷା ଆରମ୍ଭ ହେବା ମାତ୍ରେ ମାତୃ ଗଛରୁ ମାତ୍ରେମାତୃ ଗଛରୁ ସଂଗୃହୀତ ୧.୫ରୁ ୨ସେ.ମି. ଆକାର ବିଶିଷ୍ଟ ଛୋଟ କନ୍ଦା ଗୁଡ଼ିକୁ ସିଧାସଳଖ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଜମିରେ ଲଗାଇ ଦିଆଯାଏ। କନ୍ଦାଖଣ୍ଡ ଗୁଡ଼ିକୁ ୧୦ରୁ ୧୦ ସେ.ମି. ଦୂରତାରେ ରୋପଣ କରିଦିଆଯାଏ।

***ଚାରାର ହାର ଓ ପ୍ରାକ ଉପଚାର:-*** ୧ ହେକଟର ଜମିରେ ପର୍ଯ୍ୟାପ୍ତ ପରିମାଣର ଚାରା ଲଗାଇବା ପାଇଁ ପ୍ରାୟ ୬୦୦-୭୫୦କି.ଗ୍ରା. ଚେରଖଣ୍ଡ ଆବଶ୍ୟକ ହୋଇଥାଏ। ଜମିରେ ଲଗାଯିବା ପୂର୍ବରୁ କନ୍ଦାଖଣ୍ଡ ଗୁଡ଼ିକର କୌଣସି ପ୍ରାକ୍ ଉପଚାର ଦରକାର ହୋଇନଥାଏ।

***ଜମି ପ୍ରସ୍ତୁତି ଓ ସାର ପ୍ରୟୋଗ:-*** ତାଳମୂଳି ଆର୍ଦ୍ର ଓ ହ୍ୟୁମସ୍ ଅଧିକ ଥିବା ମାଟିରେ ଭଲ ବଢ଼ିପାରେ। ମୌସୁମୀ ବର୍ଷା ଆରମ୍ଭହେଲେ ଜମିକୁ ଭଲ ଭାବରେ ହଳକରାଯାଏ। କନ୍ଦା ଗୁଡ଼ିକ ଲଗାଯିବା ପୂର୍ବରୁ ଜୈବିକ ଖତକୁ ଭଲଭାବରେ ମାଟି ସହିତ ମିଶାଯାଏ ଓ ପାଣି ଜମିନରହିବା ପାଇଁ ହୁଡ଼ା ଟେକାଯାଏ। ଜମି ପ୍ରସ୍ତୁତି ସମୟରେ ହେକ୍ଟର ପିଛା ୨୦ ଟନ୍ ଗୋବର ଖତ ପ୍ରୟୋଗ କରାଯାଏ। ଅକ୍ଟୋବର-ନଭେମ୍ବର ରେ ମୂଳସାର ଭାବରେ ହେକ୍ଟର ପ୍ରତି ୨୫କି.ଗ୍ରା. ଯବକ୍ଷାରଜାନ, ୧୫କି.ଗ୍ରା. ଫସଫରସ ଓ ୧୦କି.ଗ୍ରା. ପଟାସ ଦିଆଯାଇପାରେ।

***ପରିରୋପଣ ଓ ଉପଯୁକ୍ତ ବ୍ୟବଧାନ:-*** କନ୍ଦାଖଣ୍ଡ ଗୁଡ଼ିକୁ ସିଧାସଳଖ ଜମିରେ ଧାଡ଼ି ଧାଡ଼ି କରି ଲଗାଯାଏ। କେରଳ ଭଳି ଉର୍ଷ୍ଣ-ଆଦ୍ର ଅଂଚଳରେ ଲଗାଯିବାର ଦୁଇମାସ ପରେ ପ୍ରାୟ ୭୦%-୮୦% କନ୍ଦାଖଣ୍ଡ ଗୁଡ଼ିକ ଅଂକୁରିତ ହୋଇଥାଏ। ଏକ ଉତମ ଶୁଦ୍ଧ ଫସଲ ପାଇଁ ଏକ ହେକ୍ଟରରେ ୧୦ରୁ ୧୦ ସେ.ମି. ବା ୧୦ରୁ ୧୫ ସେ.ମି. ବ୍ୟବଧାନରେ ୬-୬.୫ଲକ୍ଷ ଗଛ ଏବଂ ନଡ଼ିଆ ସହିତ ଆନ୍ତଃଫସଲ ଭାବରେ ୨୦ରୁ ୨୫ ସେ.ମି. ବ୍ୟବଧାନରେ ୨ଲକ୍ଷ ଗଛ ଆଶା କରାଯାଏ।

***ଆନ୍ତଃ ଫସଲର ବ୍ୟବସ୍ଥା:-*** ଜଳସେଚିତ ଶ୍ରୀଫଳ ଉଦ୍ୟାନରେ ତାଳମୁଳି ବଢ଼େ। ଯଦି ଏହାକୁ ବିଶୁଦ୍ଧ ତାଳମୁଳି ଫସଲ ଭାବରେ ବଢ଼ାଜାଏ, ତାହେଲେ ୨୫% ସାନ୍ଦ୍ରତା ବିଶିଷ୍ଟ ସେଡ଼ନେଟ୍ ବ୍ୟବହାର କରି କୃତ୍ରିମ ଛାୟା ପ୍ରଦାନ କରିବା ପାଇଁ ପଡ଼େ।

***ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣ:-*** ଫସଲ ପରିଚାଳନା ପାଇଁ ଅତିରିକ୍ତ ଖତସାର ଆବଶ୍ୟକ ହୁଏନାହିଁ। ଫସଲରେ ସଫଳ ଘାସ ନିୟନ୍ତ୍ରଣ ପାଇଁ ୨ମାସ ପରେ ଓ ୪ମାସ ପରେ ଦୁଇଥର ଲେଖାଏଁ ହାତରେ ଘାସ ବଛାବଛି କରାଯାଏ। ନିୟମିତ ଘାସ ବଛାବଛି ଓ ଖରାଦିନେ ପାଣି ମଡ଼େଇବା ଛଡ଼ା କୌଣସି ସ୍ୱତନ୍ତ୍ର ରକ୍ଷଣାବେକ୍ଷଣର ଦରକାର ହୁଏନାହିଁ।

***ଜଳସେଚନ:-*** ମୌସୁମୀ ବର୍ଷା ସମୟରେ ବୃଷ୍ଟିଛାୟା ଅଂଚଳରେ ଏହି ଫସଲ କରାଯାଏ। ମୌସୁମୀ ବର୍ଷା ଅପସରି ଗଲାପରେ ଏହାକୁ ପାକ୍ଷିକ ୫ସେ.ମି. ମଡ଼ା ଜଳସେଚନ ପଦ୍ଧତିରେ ଜଳସେଚିତ କରାଯାଏ।

***ରୋଗ ଓ ପୋକ ନିୟନ୍ତ୍ରଣ:-*** ଏଥିରେ ସାଧାରଣତଃ ଛୋଟ ଗଛର ମୂଳ ପଚା ରୋଗ ବର୍ଷାଦିନେ ଦେଖାଯାଏ। ଏହାକୁ ମାଟିରେ ୧% ବଡ଼ମିକ୍ସଚର୍ ସିଂଚନ ଦ୍ୱାରା ନିୟନ୍ତ୍ରଣ କରାଯାଏ। ବେଳେବେଳେ ଏହାର କନ୍ଦା ଗୁଡ଼ିକୁ ମୂଷା ଜାତୀୟ ଜୀବମାନେ ଖାଇଯାଆନ୍ତି, ସେଥିପାଇଁ ଏହାର ଉପଯୁକ୍ତ ନିୟନ୍ତ୍ରଣ ପଦକ୍ଷେପ ନିଆଯାଏ।

***ଫସଲ ପରିପକ୍ୱତା ଓ ଅମଳ:-*** ଜମିରେ ଲଗାଜିବାର ଏକ ମାସ ପରେ ଗଛଗୁଡ଼ିକରେ ଫୁଲ ବାହାରିବା ଆରମ୍ଭ ହୁଏ ଓ ସର୍ବାଧିକ ଫୁଲ ଦ୍ୱିତୀୟ ଏବଂ ତୃତୀୟ ମାସ ମଧ୍ୟରେ ଦେଖାଯାଏ। ଗଛର ଚେର ଗୁଡ଼ିକ ଜମିରେ ୭-୮ ମାସ ମଧ୍ୟରେ ପରିପକ୍ୱ ହୁଏ ଓ ମାଟିତଳୁ ଖୋଳି ଅମଳ କରାଯାଏ।

***ଅମଳ ପରର ପକ୍ରିୟାକରଣ:-*** ଅମଳ ହୋଇଥିବା ସମ୍ପୂର୍ଣ୍ଣ ଶୁଷ୍କ କନ୍ଦାଗୁଡ଼ିକୁ ଭଲ ଭାବରେ ପାଣିରେ ଧୋଇ ମାଟି ସଫାକରି ଛାଇରେ ଶୁଖାଯାଏ ଓ ଶୁଖିଗଲାପରେ ଅଖା ବସ୍ତାରେ ଭର୍ତିକରି ବାୟୁ ଚଳାଚଳ କରୁଥିବା ଘରଭିତରେ ଥାକକରି ରଖାଯାଏ।

***ଅମଳ ଓ ଲାଭ:-*** ତାଳମୂଳି ଫସଲରେ ଏକ ହେକଟରରୁ ପ୍ରାୟ ୧୦୦୦ ରୁ ୧୭୦୦ କି.ଗ୍ରା. ଶୁଷ୍କ କନ୍ଦା ମିଳେ। ଏଥିରୁ ଏକ ହେକଟରରୁ ପ୍ରାୟ ୧,୦୫,୦୦୦.୦୦ ଟଙ୍କା ଲାଭ ମିଳିଥାଏ।

*ବନ ଗବେଷକ, ସ୍ନାତକତର, ଓ.ୟୁ.ଏ.ଟି.*
**E-mail : nkp1.mbj@gmail.com**

